## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଆହତ

**ପାଣିକୋଇଲି,୧୮।୪(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ଝାଡଖଣ୍ଡର କୁଳଦୀପ ସିଂହ ଓ ଢେଙ୍କାନାଳ ଜିଲ୍ଲା ଭୁବନର ବିକ୍ରମ ଥାଟୋଇ । ଉଭୟଙ୍କୁ ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି । ସମ୍ପୃକ୍ତ ଯୁବକଦ୍ୱୟ ଏକ ବାଇକ୍ (ନଂ.ଓଡିଠ୬ଏ ୯୪୭୯)ରେ କୃପାଳୁ ରାଇସ୍ ମିଲକୁ ଯାଉଥିବା ବେଳେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ରାଜପଥ ପାଟ୍ରୋଲିଂ ସବ୍‌ଇନ୍ସପେକ୍ଟର ଅଶୋକ ବଳ ସେମାନେ ନିଜ ପାଟ୍ରୋଲିଂ ଗାଡ଼ିରେ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ବ୍ୟାଣ୍ଡପାର୍ଟି ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୦ ଆହତ

**ଧର୍ମଶାଳା,୧୮।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରୀ ୫୩ନଂ. ଜାତୀୟ ରାଜପଥର କୁସୁନପୁରଠାରେ ସୋମବାର ଭୋର ସମୟରେ ବ୍ୟାଣ୍ଡପାର୍ଟି ପିକ୍ ଅପ୍ ଭ୍ୟାନ୍ (ନଂ.ଓଡ଼ି୦୬ ସି ୦୩୭୪) ଓଲଟି ୧୦ ଜଣ ଆହତ ହୋଇଛନ୍ତି । ଏକ ବିବାହ ଉତ୍ସବରେ ଯୋଗଦେଇ ଉକ୍ତ ଭ୍ୟାନ୍‌ରେ ୨୦ଜଣ ବ୍ୟାଣ୍ଡପାର୍ଟି ସଦସ୍ୟ ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟିପଡିଥିଲା । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

### ବୁଢ଼ୀ ବାସୁଳାଇଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

**ଯାଜପୁର ସଦର,୧୮।୪(ଡି.ଏନ.ଏ.):** ଯାଜପୁର ବ୍ଲକ୍ ଅନ୍ତର୍ଗତ ଉପରବରୁହାଁ ଗ୍ରାମ ମେଳଣ ପଡ଼ିଆ ସନ୍ନିକଟ ମା' ବୁଢ଼ୀ ବାସୁଳାଇ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ ଓ ୧୦୮ କଳସ ଯାତ୍ରା ହୋଇଥିଲା । ଚୈତ୍ର ପୂର୍ଣ୍ଣିମା ଅବସରରେ ମା'ଙ୍କ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଥିଲା। ରବିବାର ଯଜ୍ଞର ଦ୍ୱିତୀୟ ଦିବସରେ ଯଜ୍ଞ ନାରାୟଣଙ୍କ ପୂଜା ହେବା ସହିତ ମା'ଙ୍କ ମହାସରସ୍ୱତୀ ବେଶ, ସୋମବାର ରୁଦ୍ରାଭିଷେକ, ଚଣ୍ଡୀପାଠ ଓ ପୂର୍ଣ୍ଣାହୂତି ପ୍ରଦାନ ସହିତ ମା'ଙ୍କ ମହାକାଳୀ ବେଶ ହୋଇଥିଲା । ପଣ୍ଡିତ ପଞ୍ଚାନନ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ମିଶ୍ର, ହିମାଂଶୁ ଭୂଷଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସୁରେଶ ମିଶ୍ର, କାବୁଲି ମିଶ୍ରଙ୍କ ଦ୍ୱାରା ଯଥାବିଧି ଯଜ୍ଞ ସମ୍ପାଦିତ କରାଯାଇଥିଲା। ପ୍ରତିଦିନ ଅନ୍ନ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କବି ଭରତ ବନ୍ଧୁ ବିଶ୍ୱାଳଙ୍କ ଦ୍ୱାରା ରଚିତ ମା' ବାସୁଳାଇ ସାହା ଭରସା ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

### ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

**ପାଣିକୋଇଲି,୧୮।୪(ଡି.ଏନ.ଏ.):** ପାଣିକୋଇଲି ବଜାରର ବରିଷ୍ଠ ଜଳଖିଆ ବ୍ୟବସାୟୀ ତଥା ଅଳତିରି ଗ୍ରାମର ବନ୍ଧୁ ସାହୁଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ଏହି ଖବର ଜଣାପଡିବା ପରେ ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା । ବ୍ୟବସାୟୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ଗଣେଶ ମୁଖାଗ୍ନି ଦେଇଥିଲେ।

# ୨୦ ନମ୍ବର ଏନ୍‌ଏଚ୍ ମରାମତିରେ ହରିଲୁଟ୍

**ଯାଜପୁର ଅଫିସ,୧୮।୪**

ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ସଡ଼କ ସୁରକ୍ଷା ଉପରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସଡ଼କ ଦୁର୍ଘଟଣାର ମୃତ୍ୟୁହାରକୁ ୫୦ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କ ଉଦାସୀନତା ଏବଂ ନିର୍ମାଣ ଓ ମରାମତି ଦାୟିତ୍ୱରେ ରହୁଥିବା ଠିକାସଂସ୍ଥାର ଲାଭଖୋର ମନୋବୃତ୍ତି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ବୃଦ୍ଧି ପାଉଛି। ଯାଜପୁର ଜିଲା ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକ ଏବଂ ଆଲିଆ ନିକଟସ୍ଥ ରାସ୍ତା ଅବସ୍ଥାକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ଏଭଳି ରାସ୍ତା ଦୁରବସ୍ଥା ଯୋଗୁ ରାଜ୍ୟରେ ଗତ ୮ ବର୍ଷରେ ମୃତ୍ୟୁସଂଖ୍ୟା ୨୯%କୁ ବୃଦ୍ଧି ପାଇଛି ବୋଲି ମତପ୍ରକାଶ ପାଇଛି।

ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାର ବିପୁଳ ଟଙ୍କା ବ୍ୟୟବରାଦ କରି ଜାତୀୟ ରାଜପଥ ନିର୍ମାଣ ଓ ମରାମତି କରିଛନ୍ତି। ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ

## ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ, ବଢୁଛି ଦୁର୍ଘଟଣା

ସାଲିସ ଯୋଗୁ ଏହି ରାଜପଥ ନିର୍ମାଣରେ ଅନିୟମିତତା ହେଉଥିବା ଦେଖାଯାଉଛି। ଫଳରେ ଏହାର ଦୀର୍ଘ ସ୍ଥାୟିତ୍ୱ ନେଇ ସବୁବେଳେ ଆଶଙ୍କା ସୃଷ୍ଟି ହେଉଛି। ନିର୍ମାଣ ଓ ମରାମତିର ବର୍ଷେ ନ ପୂରୁଣୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକଠାରୁ ଆରମ୍ଭ ହୋଇଥିବା ୨୦ ନମ୍ବର ଜାତୀୟ ରାଜପଥର ନିର୍ମାଣ ଓ ମରାମତିରେ ବ୍ୟାପକ ହରିଲୁଟ ହେଉଥିବାରୁ ରାସ୍ତାର ବିଭିନ୍ନ ସ୍ଥାନର ଅବସ୍ଥା ଗ୍ରାମାଞ୍ଚଳ ରାସ୍ତାଠାରୁ ମଧ୍ୟ ଅତି କଦର୍ଯ୍ୟ ହୋଇପଡ଼ିଛି। ସ୍ଥାନେସ୍ଥାନେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇ ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ଏପରିକି କେତେକ ସ୍ଥାନରେ ଗେଟି ଉଠି ମରଣଯନ୍ତା ହୋଇଛି। ଏହି ଜାତୀୟ ରାଜପଥର ମରାମତି ଦାୟିତ୍ୱରେ ରହିଥିବା ଏଆର୍‌ଏସ୍‌ଏସ୍ ଠିକାସଂସ୍ଥାର ହରିଲୁଟ ମନୋଭାବ ଯୋଗୁ ଏଭଳି ମରଣପଥ ହୋଇଥିବା ଅଭିଯୋଗ ହେଉଛି। ଏହି ରାଜପଥ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗତ ୩ ମାସରେ ୩ଥର ପିଚୁ ମରାମତି କାର୍ଯ୍ୟ



୨୦ନଂ.ଜାତୀୟ ରାଜପଥରେ ପିଚୁ ଉଠି ଖାଲ ସୃଷ୍ଟି ହୋଇଛି ।

ହୋଇଛି। ହେଲେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବାରୁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ପୁଣି ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହାସହ ପାଣିକୋଇଲିଠାରୁ ଯାଜପୁରରୋଡ୍ ରାସ୍ତାପଟ ଛକରେ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ କାମ ହୋଇ ନ ଥିବାରୁ ରାସ୍ତା ସଂଯୋଗ ସ୍ଥାନର ଅବସ୍ଥା ମରଣଯନ୍ତା ହୋଇଛି। ସୋମବାର ଅପରାହ୍ନରେ ସେହି ବିପର୍ଯ୍ୟସ୍ତ ରାସ୍ତା ଦେଇ ଯାଉଥିବା ଏକ ଭାରିଯାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତାଦେଇ ଦୈନିକ ହଜାର ହଜାର ଗାଡ଼ି ଯାତାୟାତ କରୁଛି। ରାଜପଥରେ ଥିବା ଛୋଟବଡ଼ ଖାଲକୁ ବଞ୍ଚେଇବାକୁ ଯାଇ ନିଜେ ଅନ୍ୟଗାଡି ସହ ପିଟି ହୋଇ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। କେବଳ ସେତିକି ନୁହେଁ, ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଘଟଣାକୁ ଆହୁରି ସମ୍ବେଦନଶୀଳ କରୁଛି। ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ୨୦୨୧ରେ ଏହି କାରଣରୁ ଯାଜପୁରରେ ୧୨.୮୧% ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ପାଇଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏନଏଚ୍‌ଏଆଇର କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ ।

## ଛାତ୍ରୀ ମୃତ୍ୟୁ ଘଟଣାକୁ ୬ମାସ ବିତିଲା

### ଫାଇଲ ତଳେ ଚାପି ହୋଇ ରହିଲା କାର୍ଯ୍ୟାନୁଷ୍ଠାନ

**ଚଣ୍ଡିଖୋଲ,୧୮।୪(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଧାନମଣ୍ଡଳ ରାସ୍ତାକଡ଼ରେ ଥିବା ଜିଆଇଇଟି ମହାବିଦ୍ୟାଳୟ ଗତ ନଭେମ୍ବର ୩ରେ ଜଣେ +୨ବିଜ୍ଞାନ ଛାତ୍ରୀଙ୍କର ମୃତ୍ୟୁ ହୋଇଥିଲା । ଏହି ମୃତ୍ୟୁକୁ କଲେଜ କର୍ତ୍ତୃପକ୍ଷ ଆତ୍ମହତ୍ୟା କହିଥିବା ବେଳେ ମୃତକ ସ୍ମୃତିଶ୍ରୀ ଦାସଙ୍କ ମା'ମଧୁସ୍ମିତା ଦାସ ଝିଅକୁ ହତ୍ୟା କରାଯାଇଥିବା ନେଇ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୪୧୯/୨୧) ରୁଜୁ କରିଥିଲା । ତେବେ ଛାତ୍ରୀ ସ୍ମୃତିଶ୍ରୀକୁ ୨ଜଣ ଅଧ୍ୟାପକ ବାରମ୍ବାର ନିର୍ଯାତନା ଦେଉଥିବା ନେଇ ସେ ସିଧାସଳଖ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଉକ୍ତ ଘଟଣାକୁ ୬ମାସ ବିତି ଥିଲେ ବି ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଛାତ୍ରୀଙ୍କ ମା'ମଧୁସ୍ମିତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ଥାନାଧିକାରୀ ସୁଶିଲ କୁମାର ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ଉକ୍ତ ଘଟଣା ସମୟରେ ମୁଁ ଏହି ଥାନାରେ ଯୋଗଦେଇ ନ ଥିଲି, ମୋ ପୂର୍ବରୁ ଥିବା ଅଧିକାରୀ ଏହାର ତଦନ୍ତ କରି ରିପୋର୍ଟ ଦେଇସାରିଛନ୍ତି।

## ୨୦ରେ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର

**ଚଣ୍ଡିଖୋଲ,୧୮।୪(ଡି.ଏନ.ଏ.)**

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଖଇରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆସନ୍ତା ୨୦ରେ ଅନୁଷ୍ଠିତ ହେବ। ବଡ଼ଚଣାର ୪୩ ପଞ୍ଚାୟତର ସମସ୍ତ ନାଗରିକ ଉକ୍ତ ଶିବିରରେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପାଇ ପାରିବେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବିଭିନ୍ନ ବିଭାଗର ଡ଼ାକ୍ତରମାନେ ଏଥିରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ବୋଲି ବଡ଼ଚଣା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାକ୍ତର ରଶ୍ମିରଞ୍ଜନ ପଶାୟତ ସୂଚନା ଦେଇଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ

**କୋରେଇ,୧୮।୪(ଡି.ଏନ.ଏ.)**

କୋରେଇ ପଞ୍ଚାୟତ ସମିତି ନବନିର୍ବାଚିତ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ଓ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାଶ ସୋମବାର ଶପଥ ନେବା ସହ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଧନେଶ୍ୱର ଛକରୁ ବିଜେଡି କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ସେମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । କୋରେଇ ବିଡିଓ ରଞ୍ଜନ କୁମାର ପରିଡା ଅନ୍ୟ ଅଧିକାରୀ ଓ କର୍ମଚାରୀ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ସହ କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଏକ ନମ୍ବର ଜିଲା ପରିଷଦ ଜୋନ୍ ସଭ୍ୟା ସସ୍ମିତା ତରେଇ, ୨ନଂ. ଜୋନ୍‌ର ଉମାକାନ୍ତ ମଲ୍ଲିକ ପ୍ରମୁଖ ଏହି ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ । ନବ ନିର୍ମିତ ସଭାଗୃହରେ ଅନୁଷ୍ଠିତ ସଭାରେ ବିଧାୟକ ବଳ ତାଙ୍କ ଅଭିଭାଷଣରେ କୋରେଇର ବିକାଶରେ ନବନିର୍ବାଚିତ ଅଧ୍ୟକ୍ଷାଙ୍କ ପ୍ରମୁଖ ଭୂମିକା



ଦାୟିତ୍ୱ ଗ୍ରହଣ କରିଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ ।

ରହିଛି। କୋରେଇକୁ ଏକ ସ୍ୱଚ୍ଛ ଶାସନ ଦେବା ସହ ଏହାର ବିକାଶରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ। ଏଥିପାଇଁ ସେ ସମସ୍ତ ନବନିର୍ବାଚିତ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଅଧ୍ୟକ୍ଷା ଦଳାଇ ତାଙ୍କ ବକ୍ତବ୍ୟରେ ବିଧାୟକ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାଙ୍କ ସହଯୋଗରେ କୋରେଇର ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରିବେ ବୋଲି କହିଥିଲେ। ଅନ୍ୟ ଜନପ୍ରତିନିଧିମାନେ କୋରେଇର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି ଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କେନ୍ଦ୍ର ମାନବାଧିକାର କମିଶନଙ୍କୁ ପତ୍ର ଲେଖିଲେ ସାମାଜିକ କର୍ମୀ

**ବରୀ,୧୮।୪(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସୀପୁର ଗ୍ରାମର ଅକ୍ଷୟ ରଣାଙ୍କ ନାବାଳିକା ଝିଅ ଜ୍ୟୋତିର୍ମୟୀ ରଣା ହତ୍ୟା ଘଟଣାକୁ ଇତିମଧ୍ୟରେ ୨ମାସ ବିତିଛି। ମୃତଦେହ ଜବତ ସମୟରେ ବରୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପାରିପାର୍ଶ୍ୱିକ ଅବସ୍ଥା ଓ ମୃତ ନାବାଳିକାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ସାଧାରଣରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ନାବାଳିକାଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରେ ବରୀ ପୋଲିସ ଏହାକୁ ଗୁରୁତର ଭାବେ ନେଇ ତଦନ୍ତ ଜାରି ରଖିଥିଲା।

ସୋମବାର ଭାରତୀୟ ବିକାଶ ପରିଷଦର ଜଗତସିଂହପୁର ଜିଲା ସଭାପତି ସୁବ୍ରତ ଦାସ କେନ୍ଦ୍ର ମାନବଧିକାର କମିଶନଙ୍କୁ ଏହି ଘଟଣାର ତଦନ୍ତରେ ହସ୍ତକ୍ଷେପ କରିବାକୁ ପତ୍ର ଲେଖିଛନ୍ତି।

### ଜ୍ୟୋତିର୍ମୟୀ ହତ୍ୟା ଘଟଣାକୁ ୨ ମାସ

ଏହି ପତ୍ରରେ ଉକ୍ତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ସେତେବେଳେ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଓ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ନାବାଳିକା ପରିବାରକୁ ନ୍ୟାୟ ଦେବାକୁ ଏହି ପତ୍ରରେ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ,ଏହି ବ୍ଲକ୍ ଅଧୀନ ମଧୁସୂଦନପୁର ଗ୍ରାମର ପିହୁ ନାମକ ଜଣେ ନାବାଳିକା ନିଖୋଜ ହେବା ଘଟଣାରେ ତାଙ୍କ ମାଆ ବାରମ୍ବାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଯାଜପୁର ଓ ଥାନା ଅଧିକାରୀଙ୍କୁ ଭେଟି ନିଖୋଜ ବାଳିକାଙ୍କୁ ଉଦ୍ଧାର କରିବା ନିମନ୍ତେ ଅଭିଯୋଗ କଲା ପରେ ବି ତାଙ୍କୁ ନ୍ୟାୟ ମିଳି ନ ଥିଲା। ସେ ମଧ୍ୟ କେନ୍ଦ୍ର ମାନବଧିକାର କମିଶନଙ୍କୁ ନିଜେ ପତ୍ର ଲେଖି ତଦନ୍ତ ପାଇଁ ଅନୁରୋଧ କରିଥିଲେ ହେଁ ତାହାର କୌଣସି ସୁଫଳ ଅଦ୍ୟାବଧି ମିଳିପାରି ନାହିଁ।

## ମା' ହିଙ୍ଗୁଳା ଯଜ୍ଞର ପୂର୍ଣ୍ଣାହୁତି

**ପାଣିକୋଇଲି,୧୮।୪(ଡି.ଏନ.ଏ.)**

ପାଣିକୋଇଲି ପଞ୍ଚାୟତ ଅଧୀନ ଅଳତିରି ଗ୍ରାମର ମା' ହିଙ୍ଗୁଳା ପୀଠରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ୪୮ତମ ଯଜ୍ଞର ସୋମବାର ପୂର୍ଣ୍ଣାହୂତି ହୋଇଛି। ଏହି ଅବସରରେ ନାମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅରାନ୍ଧିଆ ସହ ଆମିଷ ନିଷେଧ ଉପରେ ଗ୍ରାମବାସୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପାଲା, ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ଦୋଳଗୋବିନ୍ଦ ସେଠୀଙ୍କ ସଞ୍ଚାଳନ କରିଥିଲେ । ମା' ହିଙ୍ଗୁଳା ପୀଠର ପ୍ରତିଷ୍ଠାତା ଦାମୋଦର ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ବଟକୃଷ୍ଣ ରାୟ, ବରିଷ୍ଠ ନାଗରିକ ଶଙ୍କର୍ଷଣ ନାୟକ, ନଗରବାସୀ ମଲ୍ଲିକ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ଖବରଦାତା ସୁବାସ ଧଳ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା, ନବନିର୍ବାଚିତ ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଦତ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାଇ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ

**ପାଣିକୋଇଲି,୧୮।୪(ଡି.ଏନ.ଏ.)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର କୋରାଇ ବିଜେଡି ପକ୍ଷରୁ ଗୋଳେଇପୁର ପଞ୍ଚାୟତର ସାହାପୁରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ୨ନଂ. ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି, ଯୁବନେତା ସତ୍ୟବ୍ରତ ପାତ୍ର, ମହାବୀର କ୍ଲବ ସଭାପତି ସନ୍ତୋଷ କୁମାର ସାହୁ, ଛାତ୍ର ବିଜେଡି ନେତା ମୁନା ମହାପାତ୍ର, କୋରାଇ ବିଜେଡି ସମ୍ପାଦକ ପ୍ରଦୀପ୍ତ ମହାନ୍ତି,



ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ଦଳୀୟ କର୍ମକର୍ତ୍ତା ମାଲ୍ୟାର୍ପଣ କରୁଛନ୍ତି ।

ସତ୍ୟାନନ୍ଦ ଦାସ, ପୁଲକ ମଲ୍ଲିକ, ଅଶୋକ ଖଣ୍ଡାଇ, ଗୋପୀନାଥ ସାହୁ, କାର୍ତ୍ତିକ ବାରିକ, ରାମ ସ୍ୱାଇଁ, ମିର୍ଜା ହବିବୁଲ୍ଲା ବେଗ୍, ମମ୍‌ତାଜ୍ ବେଗ୍, କାର୍ତ୍ତିକ ଦାସ, ଦେବବ୍ରତ ଦାସ, ଚିନ୍ତା ପାତ୍ର, ବିଳାସ ବେହେରା, ଗୋଲକ ମହାନ୍ତି, ମନୋବିଜ୍ଞାନ ପୃଷ୍ଟି, ଦେବାଶିଷ ଦାସ, ଆଦ୍ୟ ପଟ୍ଟନାୟକ, ମାଗୁଣି ଜେନା, ଦୀପକ ସାହୁଙ୍କ ସମେତ କୋରାଇ ବ୍ଲକର ବହୁ ଜନପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବରପଦାରେ ଚୈତ୍ର ପର୍ବ ପାଳିତ

**ପାଣିକୋଇଲି,୧୮।୪(ଡି.ଏନ.ଏ.)**

କୋରାଇ ବ୍ଲକ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମରେ ଚୈତ୍ର ପର୍ବ ଅନୁଷ୍ଠିତ ହୋଇଯାଇଛି। କୈବର୍ତ୍ତ ଜାତିର ପରମ୍ପରା ଓ ପ୍ରଥା ଅନୁଯାୟୀ ବୈତରଣୀ ନଦୀରେ କଳସ ବୁଡା ଯାଇଥିଲା। ଏହି ଉପଲକ୍ଷେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜକିଶୋର ପରିଡ଼ା, ଶ୍ରୀଧର ପରିଡ଼ା, ବାବନ ପରିଡ଼ା, ଗୋଲକ ଚନ୍ଦ୍ର ମାଝି, ବାସୁଦେବ ପରିଡ଼ା, ଉପେନ୍ଦ୍ର ପରିଡ଼ା, ଗୋକୁଳ



ଚୈତ୍ରପର୍ବ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ।

ପରିଡ଼ା, ବାବୁରାମ ପରିଡ଼ା, ବଟକୃଷ୍ଣ ପରିଡ଼ା, ସହଦେବ ପରିଡ଼ା, ରମାକାନ୍ତ ପରିଡ଼ା, ଗୋପାଳ ମାଝି ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସୀତାରାମ ସେବା ସମିତିର ସମାବର୍ତ୍ତନ ଉତ୍ସବ

**ପାଣିକୋଇଲି,୧୮।୪(ଡି.ଏନ.ଏ.)**

କୋରାଇ ବ୍ଲକ ଧନେଶ୍ୱର ପଞ୍ଚାୟତ ଧନପୁର ଗ୍ରାମର ସୀତାରାମ ସେବା ସମିତିର ଦ୍ୱିତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବ ଧନପୁର ପାଲା ମଣ୍ଡପଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମା'ତାରିଣୀ ମନ୍ଦିର ମୁଖ୍ୟ ସେବାୟତ ସୂର୍ଯ୍ୟମଣି ପଣ୍ଡା ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ମୁରବୀ ଶ୍ରୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସୂର୍ଯ୍ୟମଣି ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସରୋଜ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଧନେଶ୍ୱର ସରପଞ୍ଚ ଶ୍ୟାମ ସୁନ୍ଦର ମାଝି, ଆୟକର ପରାମର୍ଶଦାତା ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସୀତାରାମ ସେବା ସମିତିର ସଭାପତି ଇନ୍ଦ୍ରମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଖବରଦାତା ଶ୍ରୀକାନ୍ତ ରାୟ, କବି ତଥା ପ୍ରକୃତିପ୍ରେମୀ ଜଗତ ମୋହନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନାରାୟଣ ସାହୁ, ପ୍ରମୋଦ ସ୍ୱାଇଁ, ପ୍ରିୟବ୍ରତ ମାଝି, ସୁଧାଂଶୁ ସାହୁ, ଅମୀୟ ସାହୁ, ଅଶୋକ ମହାରଣା, ରାମଶ୍ୱେର ସାହୁ, ପ୍ରମୋଦ ବୋଇତା, ଚକ୍ରଧର ବେହେରା, ଦିଲ୍ଲୀପ ବେହେରା, ପଞ୍ଚାନନ ସେଠୀ, ମୋହନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସମାବର୍ତ୍ତନ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସହିତ ଅତିଥି ବୃନ୍ଦ ।

## ବେଆଇନ୍ ଜମି ଅଧିଗ୍ରହଣ, ନଦୀପଠା ପୋତିବାକୁ ବିରୋଧ

### ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**ଯାଜପୁର ସଦର,୧୮।୪(ଡି.ଏନ.ଏ.)**

ଯାଜପୁର ବ୍ଲକ୍ ଆଙ୍କୁଲା, ବିନ୍ଧାଣ ଓ ଗୋପାଳପୁର ଗ୍ରାମବାସୀଙ୍କ ତରଫରୁ ସୋମବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ବେଆଇନ୍ ଜମି ଅଧିଗ୍ରହଣ ଓ ନଦୀପଠା ପୋତାଇ ବିରୋଧରେ ଅଭିଯୋଗ କରାଯାଇଛି। ଆଙ୍କୁଲା, ବିନ୍ଧାଣ ଓ ଗୋପାଳପୁର ଗ୍ରାମ ବୈତରଣୀ ନଦୀ କୂଳରେ ଅବସ୍ଥିତ। ଉପରୋକ୍ତ ଗାଁ ବନ୍ୟା ପ୍ରଭାବିତ ଅଞ୍ଚଳ ରୂପେ ପରିଚିତ। ସରକାରଙ୍କ ବିଭିନ୍ନ ଯୋଜନାରେ ସରକାରୀ ଜମି, ନଦୀପଠାକୁ କଂକ୍ରିଟ୍



ଆଙ୍କୁଲା ଗ୍ରାମବାସୀ ନଦୀ ବନ୍ଧ ପୋତେଇକୁ ବିରୋଧ କରୁଛନ୍ତି ।

ପାଚେରୀ କରାଯିବାକୁ ସ୍ଥିର କରାଯାଇଛି। ଯାହା ବନ୍ୟାଜଳ ନିଷ୍କାସନ ଓ ପ୍ରବାହରେ ବ୍ୟାଘାତ ସୃଷ୍ଟି କରିବ। ଏହି ପ୍ରକଳ୍ପ ଆଳରେ ସାଧାରଣ ଗରିବ ଚାଷୀଙ୍କ ସ୍ଥିତିବାନ୍ ସମ୍ପତ୍ତିକୁ କ୍ଷତିପୂରଣ ବିନା ଅଧିଗ୍ରହଣ କରାଯାଉଛି। ସରକାରୀ ଅଧିକାରୀ ଓ ପୋଲିସ ଦ୍ୱାରା ଏହି ସବୁ ପ୍ରକଳ୍ପ ପାଇଁ ହଜାର ବର୍ଷର ଜନବସତିକୁ ଉଚ୍ଛେଦ କରାଯିବା ସହ ଜମିକୁ ଦଖଲ ନେଇ ବାଲିମାଟି ପକାଯାଇ ପୋତିବାକୁ ମସୁଧା ଚାଲିଛି। ଏହାକୁ ବିରୋଧ କରି ଗ୍ରାମବାସୀଙ୍କ ତରଫରୁ ଏକାଧିକ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ସରକାରଙ୍କ ତରଫରୁ ମଧ୍ୟ ବୋର୍ଡ଼ ଅଫ୍ ରେଭେନ୍ୟୁରେ ମାମଲା ଚାଲିଛି। ଏହାକୁ ଭ୍ରୂକ୍ଷେପ ନ କରି ଜୋର ଜବରଦସ୍ତି ଜମି ଦଖଲ ନେବା ବେଆଇନ୍ ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

## ଝାଡ଼ାବାନ୍ତିରେ ଗୋଟିଏ ଗାଁର ୪ ଆକ୍ରାନ୍ତ

ରାଜନଗର,(ଡି.ଏନ୍.ଏ.): ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ବଳରାମପୁର ଗାଁର ୩ଟି ପରିବାରର ୪ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଅତ୍ୟଧିକ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଳରାମପୁର ଗାଁର ଯିଶୁ ନାୟକ (୩), ମଞ୍ଜୁଲତା ନାୟକ (୬୦), ବାସୁଦେବ ମହାନ୍ତି (୪), ନିରଞ୍ଜନ ନାୟକ (୫୦) ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହୋଇ ସୋମବାର ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ଡା. ଉମାକାନ୍ତି ରଣା, ଏଏନ୍‌ଏମ୍ ଭାରତୀ ନାୟକ, ସୁପରଭାଇଜର ଅଦ୍ୱୈତ ନାୟକ ଗାଁରେ ପହଞ୍ଚି ପରିବାରର ଅନ୍ୟ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କାହିଁକି ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ ସେ ନେଇ ଅନୁଧ୍ୟାନ କରିଛନ୍ତି।

# ମନ୍ଦିରରେ ପୂଜା ପାଉଛନ୍ତି କବି କାଳିଦାସ

କେନ୍ଦ୍ରାପଡ଼ା ଅଫିସ, ୧୮।୪

- ମହାକାଳପଡ଼ାର ବବକରପୁରରେ ରହିଛି ମନ୍ଦିର
- ୧୮୦୨ରେ ହୋଇଥିଲା ପ୍ରତିଷ୍ଠା
- ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦାବି

ବିଶିଷ୍ଟ ସଂସ୍କୃତ କବି କାଳିଦାସ ଓଡ଼ିଶାର ଘରେ ଘରେ ପରିଚିତ। ତାଙ୍କ ରଚିତ ସାହିତ୍ୟକୃତି ତାଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି। ତେବେ କାଳିଦାସଙ୍କୁ ନେଇ କେନ୍ଦ୍ରାପଡ଼ା ଜିଲାର ଏକ ଅଖ୍ୟାତ ଗାଁ ଏବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଛି। ଏହି ଗ୍ରାମର ନାମ ବବକରପୁର। ଦୁଇଶହ ବର୍ଷରୁ ଅଧିକ ହେଲା ଗ୍ରାମବାସୀ କାଳିଦାସଙ୍କୁ ଠାକୁର ରୂପେ ପୂଜାର୍ଚ୍ଚନା କରୁଛନ୍ତି। ଜିଲାର ମହାକାଳପଡ଼ା ବ୍ଲକ ବବକରପୁର ଗାଁରେ ରହିଛି କାଳିଦାସ ମନ୍ଦିର। ଏଠାରେ କବିଙ୍କ ଏକ ପ୍ରତିମୂର୍ତ୍ତି ଅଛି। ସହରଠାରୁ ଶ୍ରୀବଳଦେବ ଜୀଉ ରାସ୍ତା-ଅଙ୍ଗୁଳାଇ-ଓରତ ରାସ୍ତାର ମାତ୍ର ୧୨ କି.ମି. ଦୂର।

ଏ ସମ୍ପର୍କରେ ଗାଁର ଶିକ୍ଷାବିତ୍ ଡ. ଭୈରବ ଚରଣ ଜେନା କୁହନ୍ତି, ପ୍ରତି ମନ୍ଦିରରେ ଦେବଦେବୀଙ୍କ ସ୍ତୁତି ଓ ଶ୍ଳୋକପାଠ ହୁଏ। ତେବେ ଏହି ମନ୍ଦିରରେ ବ୍ରାହ୍ମଣଙ୍କ ଦ୍ୱାରା କାଳିଦାସଙ୍କ ବିଭିନ୍ନ କାବ୍ୟ କବିତା ଓ ନାଟକର କିଛି ଅଂଶ ପାଠ କରାଯାଏ। ୧୮୦୨ ମସିହାରେ ଏହି ମନ୍ଦିର ତତ୍କାଳୀନ ଜମିଦାର ବଳରାମ ଭ୍ରମରବର ରାୟ ପ୍ରତିଷ୍ଠା କରିଥିଲେ। କବି କାଳିଦାସଙ୍କ ବଡ଼ ପ୍ରଶଂସକ ଥିବା ଏହି ଜମିଦାରଙ୍କର ୧୮୩୨ରେ ମୃତ୍ୟୁ ହୋଇଥିଲା। ପରେ ଗ୍ରାମବାସୀ ମନ୍ଦିରର ପୂଜା ପଦ୍ଧତିକୁ ଆଗକୁ ବଢ଼ାଇ ଆସୁଛନ୍ତି। ପୂଜକ ଉତ୍ତମ କୁମାର ମିଶ୍ର କୁହନ୍ତି, ଏହି ମନ୍ଦିର ଗ୍ରାମବାସୀଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ରସ୍ଥଳ। ପୂର୍ବରୁ ଏଠାରେ କାବ୍ୟ କବିତା ପାଠ ହେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ପୂଜାପାର୍ବଣକୁ ଯୋଡ଼ି ଦେଇଛନ୍ତି। ସରସ୍ୱତୀ ପୂଜା, କାଳିଦାସ ଜୟନ୍ତୀ ସହ ଗ୍ରାମର ଅଷ୍ଟପ୍ରହର ପୂଜା ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଡ଼ିହୋଇଛି। ରାଜଗଡ଼ ଗ୍ରାମର ନୟନମଣି ସାମଲ କୁହନ୍ତି, ରାଜା ବିକ୍ରମାଦିତ୍ୟଙ୍କ ସମୟରେ କବି କାଳି ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ, ତାହା ସାଧାରଣ ଲୋକଙ୍କ ମନକୁ ଛୁଇଁଥିଲା। ଏପରି ମହାନ୍ କବିଙ୍କ ପୂଜା ଅନ୍ୟତ୍ର ଦେଖିବାକୁ ମିଳୁ ନ ଥିବାରୁ ଜିଲା ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ରାଜ୍ୟର ଏକମାତ୍ର ଏହି କାଳିଦାସ ମନ୍ଦିର ରାଜ୍ୟ ପର୍ଯ୍ୟଟନସ୍ଥଳ ମାନଚିତ୍ରରେ ସ୍ଥାନ ପାଇଲେ ଜିଲାର ଆର୍ଥିକ, ସାଂସ୍କୃତିକ ବିକାଶ ହେବ। ଏ ସମ୍ପର୍କରେ ଗବେଷକ ନେପାକ ସାମନ୍ତ କୁହନ୍ତି, ପୂର୍ବରୁ ଏହି ଅଞ୍ଚଳରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର ହୋଇଥିଲା। ଏହି ମନ୍ଦିରର କାଳିଦାସ ମୂର୍ତ୍ତି ବାସ୍ତବରେ ଏକ ବୁଦ୍ଧଦେବଙ୍କ ମୂର୍ତ୍ତି ସେହିପରି ପୁରୁଣା ଶ୍ରୀବଳଦେବ ଜୀଉଙ୍କ ମନ୍ଦିରର ଗରୁଡ଼ ମୂର୍ତ୍ତି କାଳିଦାସ ମନ୍ଦିରରେ ରହିଥିବା ସୂଚନା ମିଳୁଛି। ଏହାକୁ ନେଇ ଅଧିକ ଗବେଷଣା ଆବଶ୍ୟକ। ଦୁଇଶହ ବର୍ଷ ଧରି ପୂଜାର୍ଚ୍ଚନା ଚାଲିଥିବା କାଳିଦାସ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଆବଶ୍ୟକ ବୋଲି ଗବେଷକ ସାମନ୍ତ କହିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟ ତ୍ରିପାଠୀ କହିଛନ୍ତି, ଏହାକୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ବୁକ୍‌ଲେଟ ଓ ତଥ୍ୟ ସଂଗ୍ରହ ହେଉଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଖୁସି ଖବର ମିଳିବ ବୋଲି ସେ ମତ ଦେଇଛନ୍ତି।


ବବକରପୁରରେ କବି କାଳିଦାସଙ୍କ ମନ୍ଦିର।


ପୂଜା ପାଉଥିବା କାଳିଦାସଙ୍କ ମୂର୍ତ୍ତି।

## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପଶି ନିରୀକ୍ଷକଙ୍କୁ ଆକ୍ରମଣ

ଡେରାବିଶ,୧୮।୪(ସ୍ୱ.ପ୍ର.): ଡେରାବିଶ ତହସିଲ ଅଧୀନ ବଳଭଦ୍ରପୁର ରାଜସ୍ୱ ନିରୀକ୍ଷକ ଆରକ୍ଷ ଚନ୍ଦ୍ର ଖିଲାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ପଶି ଗାଁର ଗୌରାଙ୍ଗ ନାୟକ ଆକ୍ରମଣ କରିଥିବା ନେଇ ସୋମବାର ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରାଜସ୍ୱ ନିରୀକ୍ଷକ ଖିଲାର ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ମଧ୍ୟାହ୍ନରେ ଗାଁର ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ଗୌରାଙ୍ଗ ରାଜସ୍ୱ ନିରୀକ୍ଷକ ଖିଲାରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଟେବୁଲ୍ ଚେୟାରକୁ ଗୋଇଠା ମାରି କାଗଜପତ୍ରକୁ ଫୋପଡ଼ି ଦେଇଥିଲେ। ଏହାକୁ ବିରୋଧ କରିବାରୁ ଗୌରାଙ୍ଗ ଖିଲାରଙ୍କ ଛାତିରେ ଏକ ଶକ୍ତ ଗୋଇଠା ପକାଇ ଥିଲେ। ନିରୀକ୍ଷକ ଖିଲାର ତଳେ ପଡ଼ିଯିବା ପରେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କୁ ମଧ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଖିଲାର ପ୍ରଥମେ ତହସିଲଦାରଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ତହସିଲଦାରଙ୍କଠାରୁ ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ଗୌରାଙ୍ଗଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

### କୁନ୍ଦୁପୁର ଗ୍ରୀଡ୍ କାର୍ଯ୍ୟକ୍ଷମ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୧୮।୪(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକର ୮ଟି ପଞ୍ଚାୟତ ସମେତ ସମଗ୍ର ରାଜନଗର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ କୁନ୍ଦୁପୁରଠାରେ ଗ୍ରୀଡ ନିର୍ମାଣ କରିଛନ୍ତି। ମାତ୍ର ୬ ମାସରୁ ଅଧିକ ହେଲା ୧୩୨/୩୩ କେଭି ଗ୍ରୀଡ ଚାର୍ଜ ହୋଇ ରହିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଇନାହିଁ। ଟାଟା ପାୱାରର ଉଦାସୀନତା କାରଣରୁ ଆବଶ୍ୟକ ଫିଡରର ଲାଇନ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ରାଜନଗର ସମେତ ଅଢ଼ାଜୋରି, କଣ୍ଡିରା ଓ ବରାଡିଆଠାରେ ଥିବା ୩୩/୧୧ କେଭି ଗ୍ରୀଡଗୁଡିକୁ ବିଦ୍ୟୁତ ଯୋଗାଣ ହୋଇପାରୁନାହିଁ। ଫଳରେ ଏହି ଗ୍ରୀଡଗୁଡିକ ଅଧୀନରେ ଥିବା ହଜାର ହଜାର ଉପଭୋକ୍ତାଙ୍କୁ ପୁରୁଣା ଗ୍ରୀଡ ଲାଇନରୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି। ଫଳରେ ଅଘୋଷିତ ବିଦ୍ୟୁତ କାଟ୍ ହେଉଛି। ଏଥିସହ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସବ୍‌ଷ୍ଟେସନରେ ଏବି ସୁଇଚ କାର୍ଯ୍ୟକ୍ଷମ ହୋଉ ନ ଥିବାରୁ ଏଲଟି ଲାଇନର ଆବଶ୍ୟକ ମରାମତି ପାଇ ସଂଲଗ୍ନ ୩୩/୧୧ କେଭି ସବ୍‌ଷ୍ଟେସନରୁ ଶଟ୍‌ଡାଉନ ନିଆଯାଉଥିବାରୁ ବିଭିନ୍ନ ଗ୍ରାମଗୁଡିକର ଉପଭୋକ୍ତାମାନେ ମଧ୍ୟ ବିଦ୍ୟୁତ କାଟର ଶିକାର ହେଉଛନ୍ତି। ଏହାର ତୁରନ୍ତ ପ୍ରତିକାର ପାଇଁ କେନ୍ଦ୍ରାପଡ଼ା ଜିଲା ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ଆଇନଜୀବୀ ଭୀମସେନ ପରିଡା, ସମ୍ପାଦକ ଆଇନଜୀବୀ ତପନ ମିଶ୍ର, କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ଉପସଭାପତି ଅକ୍ଷୟ ବିଶ୍ୱାଳ, ରାଜନଗର ବ୍ଲକ ସଭାପତି ବସନ୍ତ ହାତୀଙ୍କ ସମେତ ବ୍ରଜବନ୍ଧୁ ଦାଶ ପ୍ରମୁଖ ଅନ୍ୟ କାର୍ଯ୍ୟକର୍ତ୍ତା ଦାବି କରିଛନ୍ତି।

### ହରିଣ ମାଂସ କଷା ଜବତ, ଖସିଗଲେ ଶିକାରୀ

ମହାକାଳପଡ଼ା ,୧୮।୪ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜଙ୍ଗଲ ମଧ୍ୟରେ ହରିଣ ଶିକାର ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସୋମବାର ଜଣେ ଶିକାରୀ ହରିଣ ମାଂସ କଷା କରୁଥିବା ବେଳେ ସ୍ଥାନୀୟ କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହି ସମୟରେ ଶିକାରୀ ଜଣକ ଖସି ପଳାଇ ଥିଲେ। ଯୁବକମାନେ ଏହି ହରିଣ ମାଂସ କେଉଁଠୁ ଆଣିଲ ବୋଲି ପଚାରିବାରୁ ଉପସ୍ଥିତ ଥିବା କେହି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଏହି ଘଟଣାଟି ବ୍ଲକର ସ୍ଥାନୀୟ ପେଟଛେଲା ପଞ୍ଚାୟତ ଅଞ୍ଚଳରେ ବୋଲି କୁହାଯାଇଛି। ବଡୀଘର ଅଞ୍ଚଳର କଜଳପାତିଆ ଗ୍ରାମ ସଂଲଗ୍ନ କଂସାରଡିଆ ସଂରକ୍ଷିତ ଜଙ୍ଗଲରୁ ଶିକାର ହୋଇଥିବା ଶୁଣିବାକୁ ମିଳେ। ଏହିପରି ଅନେକ ସମୟରେ ହରିଣ, ବାର୍ହା ଶିକାର ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର, ୧୫୦୨ ରୋଗୀ ଚିକିତ୍ସିତ

ରାଜନଗର, ୧୮।୪(ଡି.ଏନ.ଏ.)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ହାଟ ପଡ଼ିଆଠାରେ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦୨ ରୋଗୀ ଚିକିତ୍ସିତ ହୋଇଛନ୍ତି। ଡାକ୍ତରମାନେ ରୋଗୀ ଦେଖିବା ସହ ମାଗଣା ଔଷଧ ଦେଇଥିଲେ। ୭୭ଜଣ ଡାକ୍ତର ପରାମର୍ଶ କରିଥିବା ବେଳେ ମାଇନର ଓଟିରେ ୧୭ଜଣଙ୍କ ଚିକିତ୍ସା କରାଯାଇଛି। ୯ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୭୫ଜଣଙ୍କୁ ହେଲ୍‌ଥ ଆଇଡି ପ୍ରଦାନ କରାଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ସହ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ଲୋହା ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। ଗୋଟିଏ ଟେଣ୍ଟ ତଳେ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର ସହ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଗା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଗାଁ ଗହଳିର ଲୋକେ ନିଜ ଘର ପାଖରେ ସ୍ୱାସ୍ଥ୍ୟ ସୁବିଧା ପାଇ ପାରୁଛନ୍ତି। ଏଥିସହ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚି ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତା'ର ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, କଣ୍ଡିରା ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ସିଡିପିଓ, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ।


ରାଜନଗର ସ୍ୱାସ୍ଥ୍ୟ ମେଳାରେ ଉପସ୍ଥିତ ରୋଗୀମାନେ।

## ପୌରାଞ୍ଚଳର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ


ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ପୌରାଧ୍ୟକ୍ଷା, ପୌର ଉପଧ୍ୟକ୍ଷା ।

କେନ୍ଦ୍ରାପଡା ଅଫିସ, ୧୮।୪

ଦୀର୍ଘ ୬ ବର୍ଷ ପରେ କେନ୍ଦ୍ରାପଡ଼ା ପୌର ପରିଷଦର ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ କାଉନସିଲରମାନେ ୱାର୍ଡ ସମସ୍ୟା ଉପସ୍ଥାପନ କରିବା ସହ ବିକାଶ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହି ପୌରାଞ୍ଚଳର ପରିଷଦ ବୈଠକ ୨୦୧୬ରେ ହୋଇଥିଲା। ଗତ ୬ ବର୍ଷ ଧରି ପୌର ନିର୍ବାଚନ ହୋଇ ନ ଥିବାରୁ ପ୍ରଶାସନସ୍ତରରେ ଏହାର କାର୍ଯ୍ୟ ଚାଲିଥିଲା। ସହରର ପରିମଳ ବ୍ୟବସ୍ଥାକୁ ନେଇ କାଉନସିଲର କାଳିପ୍ରସାଦ ମିଶ୍ର ଆପତ୍ତି କରିଥିବା ବେଳେ ଏହାର ଶୀଘ୍ର ସମାଧାନ ଦାବି କରିଥିଲେ। ଏହାବ୍ୟତୀତ ଜଳ ନିଷ୍କାସନ, ଟ୍ରାଫିକ ସମସ୍ୟା, ଜବରଦଖଲ ଉଚ୍ଛେଦ, ସୌନ୍ଦର୍ଯ୍ୟକରଣକୁ ନେଇ ଆଲୋଚନା ହୋଇଥିଲା। ରାଜ୍ୟର ସର୍ବପୁରାତନ ଏହି ପୌରାଞ୍ଚଳର ଉନ୍ନତିକରଣ ପାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଉପାଧ୍ୟକ୍ଷା ଅକବରୀ ଖାତୁନ, କାଉନସିଲର ପୁଷ୍ପାଞ୍ଜଳି ବହିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜୟଦୁର୍ଗା ବଣିକ ସଂଘର ବାର୍ଷିକୋତ୍ସବ

ରାଜନଗର, ୧୮।୪(ଡି.ଏନ.ଏ.)

ରାଜନଗର ଜୟଦୁର୍ଗା ବଣିକ ସଂଘର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଚଳିତ ମାସ ୧୦ ତାରିଖଠାରୁ ଚାଲିଥିବା ରାମାୟଣ ପାଠ ସୋମବାର ଶେଷ ହୋଇଛି। ରବିବାର ସନ୍ଧ୍ୟାରେ ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ପୌରୋହିତ୍ୟରେ ଜୟଦୁର୍ଗା ବଣିକ ସଂଘର ବାର୍ଷିକ ଉତ୍ସବ ହୋଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବଣିକ ସଂଘର ବିଭିନ୍ନ ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ବଣିକ ସଂଘ ପକ୍ଷରୁ ବଜାରରେ ଦୁଇଟି ଶୌଚାଳୟ, ବଜାର ସଫେଇ ପାଇଁ ୨ ଜଣ କର୍ମଚାରୀ ନିଯୁକ୍ତି ଓ ବଣିକ ସଂଘର କାର୍ଯ୍ୟାଳୟ ନିମନ୍ତେ ସ୍ଥାୟୀ ଜାଗାର ବ୍ୟବସ୍ଥା କରିବାକୁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବଣିକ ସଂଘର ସଦସ୍ୟ ବିଭୂତି ଭୂଷଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗଙ୍ଗାଧର ସେଠୀ ସଂଘର ଦାବି ଉପସ୍ଥାପନ କରିଥିଲେ। ବଣିକ ସଂଘର ବରିଷ୍ଠ ସଦସ୍ୟ ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଦୀର୍ଘବର୍ଷ ଧରି ରାଜନଗର ବଜାରରେ ବ୍ୟବସାୟ କରୁଥିବା ୭ ଜଣ ବୟସ୍କ ବ୍ୟବସାୟୀ ଅରକ୍ଷିତ ପ୍ରଧାନ, ଚୈତନ୍ୟ ସାହୁ, ବସନ୍ତ ମହାପାତ୍ର, ବୀରକିଶୋର ସାହୁ, ଶ୍ୟାମସୁନ୍ଦର ଲେଙ୍କା, ପୂର୍ଣ୍ଣଚନ୍ଦ୍ରେ ନାୟକ, ନରହରି ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧାର୍ଯ୍ୟ ଲକ୍ଷ୍ୟରୁ କମ୍ ଆଦାୟ ହୋଇଛି ରାଜସ୍ୱ

କେନ୍ଦ୍ରାପଡ଼ା ଅଫିସ, ୧୮।୪

କେନ୍ଦ୍ରାପଡ଼ା ଜିଲାର ଲଘୁ ଖଣିଜ ସମ୍ପଦ ଲୁଟ୍ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେବା ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ରାଜସ୍ୱ ଧାର୍ଯ୍ୟଲକ୍ଷ୍ୟଠାରୁ ଯଥେଷ୍ଟ କମ୍ ରାଜକୋଷକୁ ଆସିଛି। ଏପରି ସୂଚନା କେନ୍ଦ୍ରାଞ୍ଚଳ ଆୟୁକ୍ତଙ୍କ ସମୀକ୍ଷା ବୈଠକ ପରେ ସୋମବାର ଜଣାପଡ଼ିଛି। କେନ୍ଦ୍ରାଞ୍ଚଳ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ରାଜସ୍ୱ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା ଓ ଜିଲାର ବିଭିନ୍ନ ତହସିଲଦାର ପ୍ରମୁଖ ଯୋଗଦେଇଥିଲେ। ଗତ ୨୦୨୧- ୨୨ ଆର୍ଥିକ ବର୍ଷରେ ଏହି ଜିଲା ପାଇଁ ୩୨ କୋଟି ଟଙ୍କା ଲଘୁ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ ଦିଆଯାଇଥିଲା। ତେବେ ଗତ ମାର୍ଚ୍ଚ ୨୨ ସୁଦ୍ଧା ଜିଲାରୁ ମୋଟ ୧୮,୬୯,୮୭,୮୪୦ ଟଙ୍କା ଆଦାୟ ହୋଇଥିବା ସୂଚନା ଦିଆଯାଇଥିଲା। କେନ୍ଦ୍ରାଞ୍ଚଳ ଆୟୁକ୍ତ ଦଳାଇ ଦାଖଲଖାରଜ ମାମଲା, ବିଦ୍ୟାଳୟ ପାଇଁ ଜମିର ସୁବନ୍ଦୋବସ୍ତ, ସଇରାତଗୁଡିକର ସେଟଲମେଣ୍ଟ ଆଦିକୁ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜବରଦଖଲ ଉଚ୍ଛେଦ ପାଇଁ ପରାମର୍ଶ ଦେଇଥିଲେ।

## ବେଆଇନ ମତ୍ସ୍ୟଦିଆ ନିଲାମ: ଜିଲାପାଳଙ୍କୁ ଅଭିଯୋଗ

ଆଳି,୧୮।୪(ଡି.ଏନ.ଏ.)

ଆଳି ତହସିଲ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ମତ୍ସ୍ୟଦିଆ ନିଲାମରେ ସମସ୍ତ ପ୍ରକାର ନୀତି ନିୟମକୁ ଉଲ୍ଲଂଘନ କରାଯାଇଥିବା ବିଷୟରେ ଜନସାଧାରଣ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ରାଜମୋହନ ସ୍ୱାଇଁ, ବିଭୂତି ମହାନ୍ତି, ପ୍ରକାଶ ସ୍ୱାଇଁ, ଗୁରୁଚରଣ ନାୟକ, ମନୋରଞ୍ଜନ ପରିଡାଙ୍କ ସମେତ ଶତାଧିକ ଲୋକ ଏହି ଅଭିଯୋଗ କରିଛନ୍ତି। ଆଳି ତହସିଲଦାର ମତ୍ସ୍ୟଦିଆ ବିଷୟରେ ନୋଟିସ୍ ନ ଦେଇ ଗୋପନୀୟ ଭାବେ ପଞ୍ଚାୟତର କେତେଜଣ ଲୋକଙ୍କୁ ନିଲାମ ଦେଇଛନ୍ତି। ଏହା କରାଯିବା ଦ୍ୱାରା ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ପ୍ରକୃତରେ ମାଛ ଧରି ଜୀବିକା ନିର୍ବାହ କରୁଥିବା ଲୋକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏ ବିଷୟରେ ଆଳି ତହସିଲଦାର ତପନ ସେନାପତିଙ୍କୁ ପଚାରିବାରୁ ମତ୍ସ୍ୟଦିଆ ନିଲାମ କାହାରିକୁ ଦିଆଯାଇ ନାହିଁ ବୋଲି ସେ କହିଛନ୍ତି।

### ଡେରାବିଶର ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିଜୟ ସମାବେଶ

ଡେରାବିଶ,୧୮।୪(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ସରୋଜକାନ୍ତ ସାହୁଙ୍କ ପକ୍ଷରୁ ରବିବାର ବିଜୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ସମାବେଶକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ



ମହେନ୍ଦ୍ର କୁମାର ସିଂ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ସତ୍ୟରଞ୍ଜନ ସାମଲ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନାକୁ ନିଜ ନିଜ ପଞ୍ଚାୟତରେ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାଜାହାନ ଖାଁ, ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, କୁମାର ଚନ୍ଦ୍ର ବଳ, ରଶ୍ମିରଞ୍ଜନ ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ପଲ୍ଲୀରେ ପ୍ରଶାସନ: ଗୋଷ୍ଠୀ ସ୍ୱାସ୍ଥ୍ୟ ଶିବିର

ଡେରାବିଶ, ୧୮।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକରେ ପଲ୍ଲୀରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଡେରାବିଶ ବ୍ଲକରେ ଗୋଲରାହାଟ ପଞ୍ଚାୟତ ଭବନରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିବା ସହ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିରରେ ୯୫୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ କାଶୀନାଥ କାଣ୍ଡି ଓ ସମିତିସଭ୍ୟ କରୁଣାକର କାଣ୍ଡି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଲ୍ଲୀରେ ପ୍ରଶାସନରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଥିବା ୩୬୫ ହିତାଧିକାରୀ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ନମିତା ବାରିକ, ଏବିଡିଓ ଭଞ୍ଜ କିଶୋର ନାୟକ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା, ସିଡିପିଓ ସ୍ନେହଲତା ସାହୁ, ବ୍ଲକ ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ ପ୍ରମୁଖ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିଥିଲେ।

**ଆଳି,(ଡି.ଏନ.ଏ.):** ଆଳି ବ୍ଲକ ନିଆଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ତପନ ସେନାପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପଞ୍ଚାୟତର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିଲା। ସେହିପରି ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର ପଞ୍ଚାୟତର ସହଦେବ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବିଭାଗର ଡା. ଇନ୍ଦ୍ରଭାନୁ ପ୍ରଧାନ, ଡା. ମୃତ୍ୟୁଞ୍ଜୟ ତରାଇ, ଡା. ସ୍ୱରୂପ ନାୟକ ପ୍ରମୁଖ ୧୦୩୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ସହିତ ଔଷଧ ଯୋଗାଇ ଦିଆଯାଇଥିଲା। ଶିବିରକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପ୍ରହରାଜ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ସିଲି ପ୍ରିୟମ୍ବଦା ସାହୁ, ବିଏଏମ୍ ରବିନ୍ଦ୍ର ଜେଠୀ, ବିଡିଏମ୍ ଅଭିରାମ ସାହୁ ଓ ପିଏଇଓ ରଶ୍ମି ରଞ୍ଜନ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ମହାକାଳପଡା,ଡି.ଏନ୍.ଏ.):** ମହାକାଳପଡା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତ ଚାନ୍ଦିନୀ ପଡ଼ିଆରେ ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛ। ଏହାକୁ ଜିଲାପାଳ ଅମୃତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ୩୨୨ ଅଭିଯୋଗ ପତ୍ର ଜିଲାପାଳ ଋତୁରାଜ ଶୁଣାଣି କରିଥିଲେ। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରୋଗୀମାନେ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ବିଭାଗର ଡାକ୍ତର ଯୋଗ ଦେଇ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଏହି ମେଳାରେ ୬୦୦ରୁ ଅଧିକ ରୋଗୀ ଯୋଗ ଦେଇ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡା. ଅନିତା ପଟ୍ଟନାୟକ, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ମନୋଜ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ, ରେଞ୍ଜର ସାହାଜୀ ଚରଣ ବିଶ୍ୱାଳ, ବିଡିଓ ଦେବାଶିଷ ରାଉତ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ସରପଞ୍ଚ ଅରବିନ୍ଦ ଜେନାଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ।

**ମାର୍ଶାଘାଇ,(ଡି.ଏନ.ଏ):** ମାର୍ଶାଘାଇ ବ୍ଲକ ଆଖୁଆ ଦକ୍ଷିଣୀ ପଞ୍ଚାୟତ ପରିସରରେ ପଲ୍ଲୀରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ମେଳାକୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା ଉଦ୍‌ଘାଟନ କରିଥିଲେ। ପଞ୍ଚାୟତରୁ ୫୧୪ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ଉପସ୍ଥିତ ବିଭାଗୀୟ ଅଧିକାରୀ ପ୍ରଦାନ କରିଥିଲେ। ସେହିପରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସହଯୋଗରେ ଆୟୋଜିତ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳାକୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ମେଳାରେ ୧୦୨୧ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲା। ବିଡିଓ ଉମାଶଙ୍କର ବେହେରା, ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. କିଶୋର ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ତପନ ନାୟକ, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ. ସମିତି ସଭ୍ୟ ରଶ୍ମୀ ରଞ୍ଜନ ଦାସ ଉପସ୍ଥିତ ଥିଲେ।

**ପାଟକୁରା, (ଡି.ଏନ.ଏ.):** ଗରଦପୁର ବ୍ଲକର ବନ୍ତଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଓ ପଲ୍ଲୀରେ ପ୍ରଶାସନ ହୋଇଯାଇଛି। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଆୟୋଜିତ ମେଳାକୁ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜ, ବିଡିଓ ରଞ୍ଜିତ ମଲ୍ଲିକ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ନିରଞ୍ଜନ କର, ଜିଲା ପରିଷଦ ସଦସ୍ୟା ଏଲିଜା ସ୍ୱାଇଁ, ସରପଞ୍ଚ ରଞ୍ଜନ କୁମାର ନାୟକ, ସମିତିସଭ୍ୟ ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୯୨୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କର, ଡା. ହିମାଂଶୁ ଭୂଷଣ ଷଡଙ୍ଗୀ ଓ ଅନ୍ୟ ଅଧିକାରୀମାନେ ସହାୟତା କରିଥିଲେ।




ମହାକାଳପଡ଼ାରେ ଜିଲାପାଳ ଅମୃତ ଋତୁରାଜ, ଏସପି ମଡକର ସନ୍ଦୀପ ସମ୍ପଦ ଓ ଅନ୍ୟମାନେ। ଡେରାବିଶରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ। ଆଳିରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ରୋଗୀ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୯ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ଡେରାବିଶର ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିଜୟ ସମାବେଶ



ଡେରାବିଶ,୧୮।୪(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ସରୋଜକାନ୍ତ ସାହୁଙ୍କ ପକ୍ଷରୁ ରବିବାର ବିଜୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାଧାରଣଲୋକଙ୍କ ପାଇଁ କରାଯାଉଥିବା ଲୋକାଭିମୁଖି ଯୋଜନାରେ ଡେରାବିଶକୁ ସାମିଲ କରିବାକୁ ସେ ସଂକଳ୍ପ ବଦ୍ଧ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ସମାବେଶକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ହଳଧର ଦାଶ, ଲକ୍ଷ୍ମୀଧର ମହାପାତ୍ର, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନାକୁ ନିଜ ନିଜ ପଞ୍ଚାୟତରେ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାଜାହାନ ଖାଁ, ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳ, ରଶ୍ମିରଞ୍ଜନ ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବ ନିର୍ବାଚିତ କେତେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସତ୍ୟରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

### କୁଦ୍ଦୁପୁର ଗ୍ରୀଡ କାର୍ଯ୍ୟକ୍ଷମ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୧୮।୪(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକର ୮ଟି ପଞ୍ଚାୟତ ସମେତ ସମଗ୍ର ରାଜନଗର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ କୁଦ୍ଦୁପୁରଠାରେ ଗ୍ରୀଡ ନିର୍ମାଣ କରିଛନ୍ତି। ମାତ୍ର ୬ ମାସରୁ ଅଧିକ ହେଲା ୧୩୨/୩୩ କେଭି ଗ୍ରୀଡ ଚାର୍ଜ ହୋଇ ରହିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଇନାହିଁ। ଟାଟା ପାୱାରର ଉଦାସୀନତା କାରଣରୁ ଆବଶ୍ୟକ ଫିଡରର ଲାଇନ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ରାଜନଗର ସମେତ ଅଡାଜୋରି, କଣ୍ଡିରା ଓ ବରାଡିଆଠାରେ ଥିବା ୩୩/୧୧ କେଭି ଗ୍ରୀଡଗୁଡ଼ିକୁ ବିଦ୍ୟୁତ ଯୋଗାଣ ହୋଇପାରୁନାହିଁ। ଫଳରେ ଏହି ଗ୍ରୀଡଗୁଡିକ ଅଧୀନରେ ଥିବା ହଜାର ହଜାର ଉପଭୋକ୍ତାଙ୍କୁ ପୁରୁଣା ଗ୍ରୀଡ ଲାଇନରୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି। ପୁରୁଣା ଲାଇନ ବିଭିନ୍ନ ସମୟରେ ଖରାପ ହେଉଥିବାରୁ ଅଘୋଷିତ ବିଦ୍ୟୁତ କାଟ୍ ହେଉଛି। ଦିନକୁ ଦିନ ଖରା ତାତି ବଢୁଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏଥିସହ ସମଗ୍ର କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସବ୍‌ଷ୍ଟେଶନରେ ଏବି ସୁଇଚ କାର୍ଯ୍ୟକ୍ଷମ ହୋଉ ନ ଥିବାରୁ ଏଲଟି ଲାଇନର ଆବଶ୍ୟକ ମରାମତି ପଇଁ ସଂଲଗ୍ନ ୩୩/୧୧ କେଭି ସବ୍‌ଷ୍ଟେଶନରୁ ଶଟ୍‌ଡାଉନ ନିଆଯାଉଥିବାରୁ ସମ୍ପୃକ୍ତ ୧୧ କେଭି ଲାଇନ ଅଧୀନରେ ଥିବା ବିଭିନ୍ନ ଗ୍ରାମଗୁଡିକର ଉପଭୋକ୍ତାମାନେ ମଧ୍ୟ ବିଦ୍ୟୁତ କାଟର ଶିକାର ହେଉଛନ୍ତି। ଏହାର ତୁରନ୍ତ ପ୍ରତିକାର ପାଇଁ କେନ୍ଦ୍ରାପଡ଼ା ଜିଲା ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ଆଇନଜୀବୀ ଭୀମସେନ ପରିଡା, ସମ୍ପାଦକ ଆଇନଜୀବୀ ତପନ ମିଶ୍ର, କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ଉପସଭାପତି ଅକ୍ଷୟ ବିଶ୍ୱାଳ,ବ୍ରଜବନ୍ଧୁ ଦାଶ ପ୍ରମୁଖ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି।

# ବ୍ଲଡ୍ ସେପାରେଶନ ୟୁନିଟ୍ ଦାବିକୁ ଉପେକ୍ଷା

ଯାଜପୁର ଅଫିସ,୧୮।୪

**ଯାଜପୁର ଜିଲା**
- ପ୍ରସ୍ତାବରେ ସୀମିତ ପ୍ରତିଷ୍ଠା
- ଲୋକ ପ୍ରତିନିଧିଙ୍କ ମିଳୁନି ସହଯୋଗ

ରାଜ୍ୟର ବିଭିନ୍ନ ଜିଲାରେ ଜନସାଧାରଣଙ୍କ ଉପରେ ବିଜୟୀ ନେତାଙ୍କ ପ୍ରଭାବ ଅନୁଭୂତ ହେଉଥିବାବେଳେ ଯାଜପୁର ଜିଲାରେ ଏହାର ଓଲଟା ହୋଇଛି। କେତେକାଂଶରେ ଦୁର୍ବଳ ନେତୃତ୍ୱ ଓ ଠିକାଦାରି ରାଜନୀତି ଯୋଗୁ ସ୍ୱାସ୍ଥ୍ୟକ୍ଷେତ୍ରର ବିକାଶ ପରାହତ ହୋଇଛି। ଲୋକଙ୍କ ପ୍ରମୁଖ ଦାବି ବ୍ଲଡ୍ ସେପାରେଶନ ୟୁନିଟ୍ ପ୍ରତିଷ୍ଠାକୁ ଉପେକ୍ଷା କରାଯାଉଛି। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବେସରକାରୀ ଔଷଧ ଦୋକାନ ସମେତ ଅନ୍ୟ ଏକ ଦୋକାନ ଜମି ମାଡ଼ି ବସିବା ଯୋଗୁ ଜାଗା ଅଭାବରୁ ତାହା ସମ୍ଭବ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି।

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଯାଜପୁର ଟାଉନ ଓ ଯାଜପୁର ରୋଡ୍‌ରେ ୨ଟି ରକ୍ତ ଭଣ୍ଡାର ରହିଛି। ସେଥିମଧ୍ୟରୁ ୪ଟି ନିର୍ବାଚନମଣ୍ଡଳୀର ଲୋକ ନିର୍ଭରଶୀଳ। ଯାଜପୁରରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାର ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହି ରକ୍ତଭଣ୍ଡାରର ସଞ୍ଚୟ କ୍ଷମତା ବହୁତ କମ୍। ବିଭିନ୍ନ ସମୟରେ ସଞ୍ଚୟ କ୍ଷମତା ବଢ଼ାଇବାକୁ ଦାବି ହୋଇ ଆସିଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରିକି କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ଜିଲାରେ ୩ଟି ରାଜପଥ ଯାଇଛି। ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଏଠାରେ ନିତିଦିନିଆ ହୋଇଛି। ଶିଳ୍ପ ଯୋଗୁ ବର୍ଷକୁ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଆବଶ୍ୟକ ପରିମାଣର ରକ୍ତ ସହିତ ବ୍ଲଡ୍ ସେପାରେଶନ ୟୁନିଟ୍ ପ୍ରତିଷ୍ଠାର ଆବଶ୍ୟକତା ରହିଛି, ଯାହାକି ଉଭୟ ଯାଜପୁର ଓ ଯାଜପୁର ରୋଡ୍ ମ୍ୟୁନିସିପାଲିଟିରେ ସମ୍ଭବ ହୋଇପାରୁନାହିଁ। ବ୍ଲଡ୍ ସେପାରେଶନ ୟୁନିଟ୍ ଦ୍ୱାରା ରକ୍ତରେ ଥିବା ପ୍ଲାଜମା, ଶ୍ୱେତ ରକ୍ତକଣିକା, ଲୋହିତ ରକ୍ତକଣିକା, ପ୍ଲାଟିଲେଟ ପ୍ରଭୃତି ଉପାଦାନକୁ ଅଲଗା କରାଯାଇଥାଏ। ବିଭିନ୍ନ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତର ନିର୍ଦ୍ଦିଷ୍ଟ ଉପାଦାନ ଦିଆଯାଇ ପାରିଥାଏ।




ଓଡ଼ିଶା ବ୍ଲଡ୍ ସେଣ୍ଟର।

ଫଳରେ ଗୋଟିଏ ୟୁନିଟ୍ ରକ୍ତ ୪ଜଣ ରୋଗୀଙ୍କ କାମରେ ଆସିଥାଏ। ବ୍ଲଡ୍ ସେପାରେଶନ ୟୁନିଟ୍ ନ ଥିବାରୁ ଶ୍ୱେତ ରକ୍ତକଣିକା ଆବଶ୍ୟକ କରୁଥିବା ରୋଗୀଙ୍କୁ ସମ୍ପୂର୍ଣ୍ଣ ରକ୍ତ ଦିଆଯାଉଥିବାରୁ ନାନା ଜଟିଳତା ସୃଷ୍ଟି ହୋଇଥାଏ। ଥାଲାସେମିଆ ଓ ସିକିଲସେଲ୍ ରୋଗୀଙ୍କ ଦେହରେ ଏହାଦ୍ୱାରା ଲୌହ ଅଂଶ ବୃଦ୍ଧି ପାଇଥାଏ। ସେ ରୋଗୀଙ୍କ ଶରୀରରୁ ଲୌହ ଅଂଶ କାଢ଼ିବାକୁ ଭୁବନେଶ୍ୱର ଯିବାକୁ ପଡ଼ିଥାଏ। ଏହି ପରିପ୍ରେକ୍ଷୀରେ ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲା ଲୋକ ଉଚ୍ଚତର ଚିକିତ୍ସା ପାଇଁ ନିର୍ଭର କରୁଥିବା ଜିଲା ସଦର ମହକୁମା କିମ୍ବା ଯାଜପୁରରୋଡ୍ କ୍ଷେତ୍ରୀୟ ଡାକ୍ତରଖାନା ପରିସରସ୍ଥ ରେଡକ୍ରସ୍ ବ୍ଲଡ୍‌ବ୍ୟାଙ୍କରେ ବ୍ଲଡ୍ ସେପାରେଶନ ୟୁନିଟ୍ ଖୋଲିବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ବ୍ଲଡ୍ ବ୍ୟାଙ୍କ ସଂଲଗ୍ନରେ କୋଠରି ବ୍ୟବସ୍ଥା ହେଲେ ସେପାରେଶନ ୟୁନିଟ୍ ମେଶିନ ବସିପାରିବ। ଏଥିପାଇଁ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ ଶିଳ୍ପ କମ୍ପାନୀ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଗଲେ ଏହା ସମ୍ଭବ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। କିନ୍ତୁ ଏଯାଏ ଏହି ମହତ୍ କାର୍ଯ୍ୟ ପ୍ରତି କାହାରି ଆଗ୍ରହ ନ ଥିବା ଜଣାପଡ଼ିଛି। ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱେଚ୍ଛାକୃତ ରକ୍ତଦାତା ପ୍ରମୁଖ ବ୍ଲକ ସେପାରେଶନ ୟୁନିଟ୍ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ପ୍ରାୟ ୪ ବର୍ଷ ହେଲା ଏହି ୟୁନିଟ୍ ପାଇଁ ତତ୍କାଳୀନ କୋରେଇ ବିଧାୟକ ଆକାଶ ଦାସନାୟକ ବିଧାନସଭାରେ ପ୍ରଶ୍ନ କରିବା ସହ ପ୍ରତିଷ୍ଠା ଦାବି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଦାବି ଉପରେ କେହି ବି ଅଧିକତର କାର୍ଯ୍ୟ କରିବାକୁ ଆନ୍ତରିକତା ଦେଖାଇ ନାହାନ୍ତି। ଯାଜପୁର ସହରରେ ମେଡିକାଲ କଲେଜ ଗୃହ ନିର୍ମାଣ କାର୍ଯ୍ୟ ଜୋରସୋର ଚାଲିଛି। ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ବ୍ଲଡ୍ ସେପାରେଶନ ୟୁନିଟ୍ ପ୍ରତିଷ୍ଠା ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ବ୍ଲଡ୍ ସେଫ୍‌ଟି ନିର୍ଦ୍ଦେଶକ ଯାଜପୁର ରୋଡ୍ ଡାକ୍ତରଖାନାରେ ଏହି ୟୁନିଟ୍ ପ୍ରତିଷ୍ଠା କରିବାକୁ ବର୍ଷକ ତଳେ ପ୍ରସ୍ତାବ ଦେଇଥିଲେ। ହେଲେ ତାହା ଏଯାଏ ପ୍ରସ୍ତାବରେ ସୀମିତ ରହିଛି ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଡାକ୍ତରଖାନାର ଅଧୀକ୍ଷକ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ଲଡ୍ ସେପାରେଶନ ୟୁନିଟ୍ ନିହାତି ଆବଶ୍ୟକ। ଗୋଟିଏ ୟୁନିଟ୍ ରକ୍ତରେ ୪ ଜଣ ଉପକୃତ ହେବା ସହ ସାଇଡ୍ ଇଫେକ୍ଟ ପ୍ରାୟ ନାହିଁ। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ଅସ୍ତବ୍ୟସ୍ତ

ଚଣ୍ଡିଖୋଲ,୧୮।୪(ଡି.ଏନ.ଏ.)

ବିଂଝାରପୁର ବ୍ଲକ୍‌ରେ ଅଘୋଷିତ ବିଦ୍ୟୁତ୍ କାଟ୍ ଚାଲିଛି। ଟାଟା କମ୍ପାନୀ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେବା ପରେ ଆଶା କରାଯାଉଥିଲା ଅଘୋଷିତ ବିଦ୍ୟୁତ୍ କାଟ୍ କମିବ। ମାତ୍ର ଯଥାପୂର୍ବଂ ତଥା ପର ଅବସ୍ଥାରେ ଦିନକୁ ଦିନ ବିଦ୍ୟୁତ୍ କାଟ ସମୟ ବଢ଼ି ଚାଲିଛି। ବିନା ସୂଚନାରେ ମନଇଚ୍ଛା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ପ୍ରବଳ ଗ୍ରୀଷ୍ମରେ ଲୋକେ ଆଉଟ ପାଉଟୁ ହେଉଥିବା ବେଳେ କିଛିଦିନ ହେବ ୨ରୁ ୩ ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ବୃଦ୍ଧି ପାଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଅଧିକାଂଶ ପୁରୁଣା ତାର ଓ ଖୁଣ୍ଟ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଗଛଟିଏ ହଲିଲେ ବିଦ୍ୟୁତ୍ କାଟ୍ କରାଯାଇ ଲୋକଙ୍କୁ ହନ୍ତସନ୍ତ କରାଯାଉଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ମଚାରୀମାନଙ୍କୁ ଏ ସଂକ୍ରାନ୍ତରେ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ ବୋଲି ଉପଭୋକ୍ତାମାନେ କହିଛନ୍ତି।

### ହରିଣ ମାଂସ କଷା ଜବତ, ଖସିଗଲେ ଶିକାରୀ

ମହାକାଳପଡ଼ା ,୧୮।୪ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜଙ୍ଗଲ ମଧ୍ୟରେ ହରିଣ ଶିକାର ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସୋମବାର ଜଣେ ଶିକାରୀ ହରିଣ ମାଂସ କଷା କରୁଥିବା ବେଳେ ସ୍ଥାନୀୟ କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହି ସମୟରେ ଶିକାରୀ ଜଣକ ଖସି ପଳାଇ ଥିଲେ। ଯୁବକମାନେ ଏହି ହରିଣ ମାଂସ କେଉଁଠୁ ଆଣିଲ ବୋଲି ପଚାରିବାରୁ ଉପସ୍ଥିତ ଥିବା କେହି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଏହି ଘଟଣାଟି ବ୍ଲକର ସ୍ଥାନୀୟ ପେଟଛେଲା ପଞ୍ଚାୟତ ଅଞ୍ଚଳରେ ବୋଲି କୁହାଯାଇଛି। ବଟୀଘର ଅଞ୍ଚଳର କଜଳପାତିଆ ଗ୍ରାମ ସଂଲଗ୍ନ କଂସାରଡିଆ ସଂରକ୍ଷିତ ଜଙ୍ଗଲରୁ ଶିକାର ହୋଇଥିବା ଶୁଣିବାକୁ ମିଳେ। ଏହିପରି ଅନେକ ସମୟରେ ହରିଣ, ବାରହା ଶିକାର ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣୀ ଶିବିରରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ।

ଯାଜପୁର ଟାଉନ,୧୮।୪(ଡି.ଏନ.ଏ.)

**୪୮ ଆବେଦନର ସମାଧାନ ହେଲା**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ସମ୍ପନ୍ନ କରିବା ହେଉଛି ଅଭିଯୋଗ ଶୁଣାଣି ଶିବିରର ଆଭିମୁଖ୍ୟ ବୋଲି କହିଥିଲେ। ଏହି ଶୁଣାଣିରେ ମୋଟ ୯୫ ଅଭିଯୋଗ ମଧ୍ୟରୁ ୫୮ ସାମୁହିକ, ୧୬ ରେଡକ୍ରସ ସହାୟତା ପାଇଁ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨୧ ଆବେଦନ ପତ୍ର ମିଳିଥିଲା। ଆବାସ ଯୋଜନା, ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ଜମିଜମା ସମ୍ପର୍କରେ ଏହି ଅଭିଯୋଗମଗୁଡ଼ିକ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୮ ଆବେଦନର ସମାଧାନ କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଯାଜପୁର ବି.ଡି.ଓ. ସୌରଭ ଚକ୍ରବର୍ତ୍ତୀ, ଯାଜପୁର ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଡେପୁଟୀ କଲେକ୍ଟର ଅସ୍ମିତା ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତ୍ତମା ପୃଷ୍ଟି ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବାଣୀ ପୀଠର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରସ୍ତୁତି

ଧର୍ମଶାଳା,୧୮।୪(ଡି.ଏନ.ଏ.)

**କାର୍ଯ୍ୟକାରିଣୀ ଓ ନୂତନ କର୍ମକର୍ତ୍ତା ଚୟନ**

ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ ହେବାକୁ ଥିବା ସ୍କୁଲର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକାରିଣୀ ଗଠନ କରାଯିବା ସହ ଆଗାମୀ ୨ବର୍ଷ ପାଇଁ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂସଦର ପ୍ରତିଷ୍ଠାତା ସଭାପତି ଜିତେନ୍ଦ୍ର କୁମାର କରଙ୍କ ପରିଚାଳନାରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ଡ. ବିଜୟ କୁମାର ଶତପଥୀ, ଉପସଭାପତି ଜଗବନ୍ଧୁ ସ୍ୱାଇଁ, ସମ୍ପାଦକ ଆଦିକନ୍ଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ନିଗମାନନ୍ଦ ବିଶ୍ୱାଳ, ସହ ସମ୍ପାଦକ ବିକ୍ରମ କେଶରୀ ମହାନ୍ତି, ପ୍ରବୋଧ କୁମାର ପାତ୍ର, କୋଷାଧ୍ୟକ୍ଷ ଭାବେ ନୀଳମଣି ନାୟକ ନିର୍ବାଚିତ ହୋଇଥିଲେ।

ସେହିପରି ସ୍କୁଲର ପ୍ଲାଟିନମ ଜୁବୁଲି କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସୁନାକର ସାହୁ, ଭିକାରୀ ଚରଣ ମଲିକ, ବିବେକାନନ୍ଦ ନାୟକ, ମହମ୍ମଦ ରିଆଜୁଲ ହକ୍, ରବିନାରାୟଣ ମଲ୍ଲିକ,ବିଶମ୍ବର ନାୟକ, କୈଳାସ ଚନ୍ଦ୍ର ଜେନା, ଅର୍ଜୁନ ଚରଣ ପୃଷ୍ଟି, ସୋମନାଥ ସାହୁଙ୍କୁ ସଦସ୍ୟ ଭାବେ ନିଆଯାଇଛି। ୨୦୨୨ ଡିସେମ୍ବର ୨୬ରେ ପାଳନ ହେବାକୁ ଥିବା ବିଦ୍ୟାଳୟ ପ୍ରତିଷ୍ଠାର ୭୫ ପୂର୍ତ୍ତି ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୮ରେ ହେବାକୁ ଥିବା ସଂସଦର ପରବର୍ତ୍ତୀ ବୈଠକରେ ପ୍ଲାଟିନମ ଜୁବୁଲି କମିଟି ଗଠନ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସିଂହ, ଧରଣୀଧର ଦାଶ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ମଦନ ମୋହନ ରାଉତ, ବିଜୟ କୁମାର ନାୟକ, ଦେବେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରିଆଜୁଲ ହକ ଧନ୍ୟବାଦ ଅର୍ପଣ କରିଥିଲେ।

# ପକ୍ଷୀଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା



ପକ୍ଷୀଙ୍କ ପାଇଁ ପାଣି କୁଣ୍ଡ ବସାଇବାକୁ ବାହାରିଥିବା ମହିଳାମାନେ।

ଯାଜପୁର ଅଫିସ,୧୮।୪

ସେବା ଟ୍ରଷ୍ଟ ପକ୍ଷରୁ ପୁରୀ, ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝରଠାରେ ଗୋଟିଏ ପ୍ଲାଷ୍ଟିକ ପାତ୍ରରେ ପକ୍ଷୀମାନେ ବସୁଥିବା ସ୍ଥାନ ଓ ଗଛରେ ପାଣି ଭର୍ତ୍ତି କରି ରଖାଯାଇଛି। ଯଦ୍ୱାରା ପକ୍ଷୀମାନେ ଉପକୃତ ହୋଇପାରିବେ ବୋଲି ଟ୍ରଷ୍ଟ ପକ୍ଷରୁ ବିଶ୍ୱାସ ରହିଛି। ଯାଜପୁର ବ୍ୟାସନଗର ସହର ୧୦ନଂ. ୱାର୍ଡର ଦୁଇ ପଟ ରାସ୍ତା କଡରେ ଥିବା ଗଛରେ ମଧ୍ୟ ପାଣି କୁଣ୍ଡ ଲଗାଯାଇଛି। ଏହି କାର୍ଯ୍ୟକ୍ରମ ଏକ ମାସ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଆଗାମୀ ଦିନରେ ବୁଲା ଗାଈ ଗୋରୁଙ୍କ ପାଇଁ ମଧ୍ୟ ଜଳଛତ୍ର ଖୋଲାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ସେବାଟ୍ରଷ୍ଟ ଯାଜପୁର ଜିଲାର ସଭାପତି ଶର୍ମିଳା ମହାପାତ୍ର ସମେତ ଗୀତାଞ୍ଜଳି ବେହେରା, ସରୋଜିନି ମଲ୍ଲିକ, ଅନପୂର୍ଣ୍ଣା ମାଝି, ଜୟନ୍ତୀ ବେହେରା, ନମିତା ଦାଶ, ରୀନାମଣି ଜେନା, ଗଦାଧର ମହାପାତ୍ର, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁବାଷ ନାୟକ, ଶ୍ରୀକାନ୍ତ ଆଇଚ, ଶୁଭ୍ରାଂଶୁ ଶେଖର ଦାଶ, ଶ୍ୟାମଳେନ୍ଦୁ ପାତ୍ର, ଅନପୂର୍ଣ୍ଣା ସ୍ୱୟଂସହାୟକ ଗୋଷ୍ଠୀ ଓ ଟ୍ରଷ୍ଟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜୟଦୁର୍ଗା ବଣିକ ସଂଘର ବାର୍ଷିକୋତ୍ସବ

ରାଜନଗର, ୧୮।୪(ଡି.ଏନ.ଏ.)

ରାଜନଗର ଜୟଦୁର୍ଗା ବଣିକ ସଂଘର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଚଳିତ ମାସ ୧୦ ତାରିଖଠାରୁ ଚାଲିଥିବା ନବଦିନାତ୍ମକ ଅଧାମ୍ୟ ରାମାୟଣ ପାଠ ଓ ଶ୍ରୀରାମନବାୟତନ ପୂଜା ସୋମବାର ଶେଷ ହୋଇଛି। ରବିବାର ସନ୍ଧ୍ୟାରେ ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ପୌରୋହିତ୍ୟରେ ଜୟଦୁର୍ଗା ବଣିକ ସଂଘର ବାର୍ଷିକ ଉତ୍ସବ ହୋଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବଣିକ ସଂଘର ବିଭିନ୍ନ ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ବଣିକ ସଂଘ ପକ୍ଷରୁ ବଜାରରେ ଦୁଇଟି ଶୌଚାଳୟ, ବଜାର ସଫେଇ ପାଇଁ ୨ ଜଣ କର୍ମଚାରୀ ନିଯୁକ୍ତି ଓ ବଣିକ ସଂଘର କାର୍ଯ୍ୟାଳୟ ନିମନ୍ତେ ସ୍ଥାୟୀ ଜାଗାର ବ୍ୟବସ୍ଥା କରିବାକୁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ସମସ୍ତ ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ପୌରାଞ୍ଚଳର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ

କେନ୍ଦ୍ରାପଡା ଅଫିସ, ୧୮।୪



ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷା।

ଦୀର୍ଘ ୬ ବର୍ଷ ପରେ କେନ୍ଦ୍ରାପଡ଼ା ପୌର ପରିଷଦର ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ କାଉନସିଲରମାନେ ୱାର୍ଡ ସମସ୍ୟା ଉପସ୍ଥାପନ କରିବା ସହ ବିକାଶ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହି ପୌରାଞ୍ଚଳର ପରିଷଦ ବୈଠକ ୨୦୧୬ରେ ହୋଇଥିଲା। ଗତ ୬ ବର୍ଷ ଧରି ପୌର ନିର୍ବାଚନ ହୋଇ ନ ଥିବାରୁ ପ୍ରଶାସନସ୍ତରରେ ଏହାର କାର୍ଯ୍ୟ ଚାଲିଥିଲା। ସହରର ପରିମଳ ବ୍ୟବସ୍ଥାକୁ ନେଇ କାଉନସିଲର କାଳିପ୍ରସାଦ ମିଶ୍ର ଆପତ୍ତି କରିଥିବା ବେଳେ ଏହାର ଶୀଘ୍ର ସମାଧାନ ଦାବି କରିଥିଲେ। ଏହାବ୍ୟତୀତ ଜଳ ନିଷ୍କାସନ, ଟ୍ରାଫିକ ସମସ୍ୟା, ଜବରଦଖଲ ଉଚ୍ଛେଦ, ସୌନ୍ଦର୍ଯ୍ୟକରଣକୁ ନେଇ ଆଲୋଚନା ହୋଇଥିଲା। ରାଜ୍ୟର ସର୍ବପୁରାତନ ଏହି ପୌରାଞ୍ଚଳର ଉନ୍ନତିକରଣ ପାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଉପାଧ୍ୟକ୍ଷା ଅକବରୀ ଖାତୁନ, କାଉନସିଲର ପୁଷ୍ପାଞ୍ଜଳି ବସ୍ତିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଏଣ୍ଡଳବାରେ ମେଗା ସ୍ୱାସ୍ଥ୍ୟ ମେଳା ଉଦ୍‌ଯାପିତ

ଜେନାପୁର,୧୮।୪(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଏଣ୍ଡଳବା ପଞ୍ଚାୟତ ଅଧୀନ ମାଳହାଟସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡ଼ା ସୁଧିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା,ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର,୧୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ରୋଗର ଚିକିତ୍ସା ବ୍ୟବସ୍ଥା ସହ ଟିକାକରଣ କରାଯାଇଥିଲା। ଏଥିରେ ଡା. ରମେଶ ଚନ୍ଦ୍ର ମଲ୍ଲିକ,ଡା. ରବିନ୍ଦ୍ର କୁମାର ନନ୍ଦ,ଡା. ନଗେନ ମହାପାତ୍ର,ଡା. ଶିବାଶିଷ ମହାରଣା,ଡା.ହାଁସଦା,ଡା. ଅଜିତ ସାମଲ,ଡା. ପ୍ରିୟଙ୍କା ସାହୁ,ଡା. ସତ୍ୟଜିତ ସାହୁ, ଡା. ବିଶାଲ, ଡା. ଜ୍ଞାନ ରଞ୍ଜନ ସିଆଲ, ଡା. ରାଜ କିଶୋର ଦାସ, ଡା. ମହାମାୟା ମହାନ୍ତି ପ୍ରମୁଖ ୮ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିଥିଲେ।




ଶିବିରରେ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ସାରୁଆବିଲ, କମର୍ଦ୍ଦା ଖଣିରେ ନିଯୁକ୍ତି ଦାବି ଜୋର ଧରିଲା

ଯାଜପୁର ଟାଉନ,୧୮।୪(ଡି.ଏନ.ଏ.)

**ଗଣମଞ୍ଚ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ**

ସୁକିନ୍ଦା ଉପତ୍ୟାକା ଖଣି କ୍ଷତିଗ୍ରସ୍ତ ଗଣମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁବର୍ଷଧରିସାରୁଆବିଲ ଓ କମର୍ଦ୍ଦା ଖଣିରେ କାମ କରି ଆସୁଥିବା ଏବଂ ବର୍ତ୍ତମାନ ଛଟେଇ ହୋଇ ରହିଥିବା ସ୍ଥାୟୀ ଓ ଠିକା ଶ୍ରମିକଙ୍କୁ ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ଏଥିସହିତ ପଞ୍ଚାୟତର ବେକାର ଯୁବତୀଯୁବକମାନଙ୍କୁ ଗ୍ରାମ ନିକଟସ୍ଥ ଖଣିରେ କର୍ମ ସଂସ୍ଥାନ ଯୋଗାଇ ଦେବା, ଲୋଡିଂ ଖଣି ଶ୍ରମିକମାନଙ୍କ ପୂର୍ବ ପ୍ରତିଶ୍ରୁତି ମୁତାବକ ଥଇଥାନ କରିବା, ଖଣି କ୍ଷତିଗ୍ରସ୍ତ ଓ ପାରିପାର୍ଶ୍ୱିକ ଅଞ୍ଚଳରେ ବିଶୁଦ୍ଧ ପାଣି ଯୋଗାଇ ଦେବା, ଖଣି ନିକଟସ୍ଥ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର, ଶିକ୍ଷକ ନିଯୁକ୍ତି ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶତାଧିକ ବିକ୍ଷୋଭକାରୀ ଏକ ଶୋଭାଯାତ୍ରାରେ ଯାଜପୁର ସହର ପରିକ୍ରମାକରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସହ ପ୍ରତିବାଦ ସଭା କରିଥିଲେ। ଗଣମଞ୍ଚର ଆବାହକ ଶଙ୍କର ସିଦ୍ଧୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ଉପଦେଷ୍ଟା ସୁରେଶ ପ୍ରଧାନ, ଶଙ୍କର ମାରାଣ୍ଡି, ସିଙ୍ଗରାଇ ବାନରା, ସୁଶାନ୍ତ ହେମ୍ବ୍ରମ, ରମେଶ ମୁଣ୍ଡା, ଟୁକୁନା ଦାସ, ମାଟ ହାସଁଦା, କାଳଲାଲ ହେମ୍ବ୍ରମ ଉଦ୍‌ବୋଧନ ଦେଇଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣମଞ୍ଚ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଶିମିଳି ଝରଣାକୁ ମିଳୁନି ପର୍ଯ୍ୟଟନସ୍ଥଳର ମାନ୍ୟତା

ନୟାଗଡ଼ ଅଫିସ,୧୮।୪

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତର ଶିମିଳି ଝରଣାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ପାଇଁ ଦାବି ହୋଇଆସୁଛି। ଏହି ପୀଠକୁ ୨୦୨୦ ଫେବୃୟାରୀ ୨୩ରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପରିଦର୍ଶନରେ ଆସିଥିଲେ ମଧ୍ୟ ତାହା ଉପେକ୍ଷିତ ହୋଇ ରହିଛି। କୃଷି ଓ କୃଷକ, ସଶକ୍ତୀକରଣ, ପ୍ରାଣୀ ସମ୍ପଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ବିଭିନ୍ନ ସମୟରେ ପର୍ଯ୍ୟଟନ ସ୍ଥଳକୁ ଯାଇଥିଲେ ମଧ୍ୟ ଏହାର ବିକାଶ ଘଟୁନାହିଁ। ନାନା ଅସୁବିଧା ସତ୍ତ୍ୱେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି।

## ଟାଣିଆଣୁଛି ପରିବେଶ

ଶିମିଳି ଝରଣା ରହିଛି ଆଦିବାସୀ ଗାଁ ଶିମିଳିଠାରୁ ୧କିମି ଦୂରରେ। ଝରଣାର ଚତୁଃପାର୍ଶ୍ୱରେ ଘେରିରହିଛି ସବୁଜ ପାହାଡ଼, ଶିଶୁ ଓ ଅନ୍ୟ ମୂଲ୍ୟବାନ ଗଛର ଜଙ୍ଗଲ ଓ ଔଷଧୀୟ ବୃକ୍ଷରାଜି। ୪ କିମି ବ୍ୟାପୀ ଥିବା ଏହି ଝରଣା ଟାମଣା ମୁଣ୍ଡିଆଠାରୁ ଆରମ୍ଭ ହୋଇ ଚକାଆମ୍ବ, ଶିମିଳିଗଣ୍ଡ, ଗର୍ଭୁଣୀ ଠାକୁରାଣୀଙ୍କ ପାଦଦେଶ ଦେଇ ଉସେଇ ନାଗଝର ନଦୀରେ ମିଶିଛି। ମୁଣ୍ଡିଆ ଉପରେ ଶାନ୍ତ, ମନଲୋଭା ପରିବେଶ ମଧ୍ୟରେ ପୂଜା ପାଉଛନ୍ତି ଗର୍ଭୁଣୀ ଠାକୁରାଣୀ। ଏଠାକାର ପରିବେଶ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ବର୍ଷକୁ ଥରେ ଗହ୍ମାପୂର୍ଣ୍ଣିମାରେ ଏହି ପୀଠରେ ଗହଳି ହୁଏ। ଶିମିଳି ଓ ଖଳିସାହି ଲୋକଙ୍କର ଗହ୍ମାପୂର୍ଣ୍ଣିମା ପ୍ରଧାନ ପର୍ବ। କୁକୁଡ଼ା ଓ ଛେଳି ଏଠାରେ ବଳିପଡ଼େ। ଏହି ଦିବସରେ ଆଦିବାସୀମାନେ ନିଜର ମନୋମାଳିନ୍ୟ ଭୁଲି ଏକାଠି ହୋଇ ନାଚି, ଗାଇ ମଉଜ କରନ୍ତି। ସନ୍ଧ୍ୟାରେ ଶିମିଳି ଝରଣାର ବାର୍‌ହା ଗଣ୍ଡରେ ଭୋଜି କରି ମଜା ନିଅନ୍ତି। ବିଭିନ୍ନ ମାନସିକ ନେଇ ଭକ୍ତମାନେ ମା'ଙ୍କ ପାଖରେ ଭିଡ଼ ଜମାନ୍ତି। ଭକ୍ତର ମନକଥାକୁ ଜାଣି ମା' ମାନସିକ ପୂରଣ କରନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଉଛି।


କଜଳାଇପଲ୍ଲୀରେ ଥିବା ଶିମିଳି ଝରଣା।

## କୌଣସି ସୁବିଧା ନାହିଁ

ଉପେକ୍ଷିତ ହୋଇ ରହିଥିବା ଶିମିଳି ଝରଣାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି। ପ୍ରତ୍ୟହ ଶତାଧିକ ସଂଖ୍ୟାରେ ପର୍ଯ୍ୟଟକ ଆସି ଭୋଜିଭାତର ଆସର କରୁଛନ୍ତି। ହେଲେ ପର୍ଯ୍ୟଟକଙ୍କ ପାଇଁ ଏଠାରେ ସେପରି କିଛି ସୁବିଧା ନାହିଁ। ସରକାର ଏହାକୁ

### ପର୍ଯ୍ୟଟନ ମନ୍ତ୍ରୀଙ୍କ ପରିଦର୍ଶନ ପରେ ବି ଉପେକ୍ଷିତ

ପର୍ଯ୍ୟଟନ ସ୍ଥଳ ଘୋଷଣା କରି ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଯଦି ବ୍ୟବସ୍ଥା କରନ୍ତେ ତେବେ ଶିମିଳି ଝରଣାକୁ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସିପାରନ୍ତେ ବୋଲି କୁହାଯାଉଛି। ଏ ନେଇ କନ୍ଧମାଳର ସୁବ୍ରତ ସାହୁ କୁହନ୍ତି, ଶିମିଳି ଝରଣାର ମନୋଲୋଭା ପରିବେଶ ପର୍ଯ୍ୟଟକଙ୍କୁ ଟାଣିଆଣୁଛି। ପ୍ରାକୃତିକ ଶୋଭା ଏଠାରେ ଭଲ ରହିଥିଲେ ହେଁ ଏହାର ବିକାଶ କରିବାର ଆବଶ୍ୟକତା ରହିଛି। ଗୋଡିପଡ଼ାର ପ୍ରସନ୍ନ ସାହୁ କୁହନ୍ତି, ଗାଁ ପାଖରେ ଶିମିଳି ଝରଣା ରହିଛି। ଏ ନେଇ କେହି ଜାଣି ନ ଥିଲେ। ପ୍ରଥମେ ଏ ନେଇ ଖବର ୨୦୦୮ ଧରିତ୍ରୀ ଶିରୋନାମାରେ ପ୍ରକାଶ ପାଇଥିଲା। ପରେ ପର୍ଯ୍ୟଟନ ପୀଠ ଲୋକଲୋଚନକୁ ଆସିଥିଲା। ତେବେ ପୀଠର କିଛି ଉନ୍ନତି ହୋଇପାରୁନାହିଁ। ସରକାର ଓ ଜିଲା ପ୍ରଶାସନ ଏ ନେଇ ପଦକ୍ଷେପ ନେବା ଦରକାର। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ପ୍ରଧାନ କୁହନ୍ତି, ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। ପୀଠର ଉନ୍ନତି କଳ୍ପେ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ପୀଠର ବିକାଶ କରାଯିବ। ନିକଟରେ ପୁଣି ଜିଲା ପରିଷଦ ସଭାପତିଙ୍କ ସହ ସମ୍ପୃକ୍ତ ପୀଠକୁ ଯାଇ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

## ସଂକ୍ଷେପରେ

### ଘୋରାଡ଼ିଆ ଟିମ୍ ଚାମ୍ପିୟନ



ନୟାଗଡ଼ ଅଫିସ/ଭାପୁର ୧୮।୪ (ଡି.ଏନ.ଏ.): ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆରେ ପ୍ରଥମ ବର୍ଷ ବିସିସି ଫ୍ଲଡ ଲାଇଟ କ୍ରିକେଟ କପ ଉଦ୍‌ଯାପିତ ହୋଇଯାଇଛି। ବାଇଗୁଣିଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୬ ଗୋଟି ଦଳକୁ ନେଇ ଆୟୋଜିତ ପ୍ରଥମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଆୟୋଜକ ବାଇଗୁଣିଆ କ୍ରିକେଟ କ୍ଲବକୁ ହରାଇ ଘୋରାଡ଼ିଆ ଟିମ ଚାମ୍ପିୟନ ହୋଇଛି। ଟସ୍ ଜିତି ଘୋରାଡ଼ିଆ ଟିମ୍ ୭ ଓଭରରେ ୪ ଉଇକେଟ ହରାଇ ୭୮ରନ କରିଥିଲା। ବାଇଗୁଣିଆ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ମାତ୍ର ୬୧ ରନ କରିଥିଲା। ସୋମବାର ଉଦ୍‌ଯାପନ ଉତ୍ସବରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯିବା ସହ ରନର୍ସ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ବିସିସିର ତପନ ବିଶୋଇ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଘାଟନ ମ୍ୟାଚରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ବାଇଗୁଣିଆ ସରପଞ୍ଚ ନିରୁପମା ମହାରଣା, ବିଜେଡି ନେତା ନାରାୟଣ ମହାରଣା, ସିଦ୍ଧେଶ୍ୱର ବେହେରା, ଯୁବ ଉଦ୍ୟୋଗୀ ନିରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁଭାଶିଷ ଦାସ ଏବଂ ଜଗନ୍ ରାଉତ ଖେଳ ପରିଚାଳନା କରିଥିଲେ। ଆୟୋଜକ ବିସିସି ଦଳର ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଟୁର୍ନାମେଣ୍ଟ ସମ୍ପନ୍ନ ହୋଇଥିଲା।

### ୧୯୮୪ ମାଟ୍ରିକ ସହପାଠୀ ବନ୍ଧୁମିଳନ

ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.): ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ସହପାଠୀ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ଅତୀତର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ।

### ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ଆସିକା,୧୮।୪(ଡି.ଏନ.ଏ): ଆସିକା ଥାନା ଇଲାକାର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡା ଥାନା ଇଲାକାର ଆଲୋକ ପାଳ। ଏ ନେଇ ଆସିକା ଥାନାରେ ନଂ.୧୯୦/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ଶ୍ୱଶୁର, ପରିବାର ଲୋକଙ୍କୁ ଆକ୍ରମଣ ମାମଲା: ଜ୍ୱାଇଁ, ନାତି ଜେଲ ଗଲେ

ଓଡଗାଁ,୧୮।୪ (ସ୍ୱ.ପ୍ର.)

ଶନିବାର ବିଳମ୍ବିତ ରାତିରେ ଓଡ଼ଗାଁ ଆଦର୍ଶ ଥାନା ବାହାଡାଝୋଲା ମାଣିକପାଟଣା ଛକରେ କାର ଅଟକାଇ ଶ୍ୱଶୁର ଓ ପରିବାର ଲୋକଙ୍କୁ ଆକ୍ରମଣ ମାମଲାରେ ପୋଲିସ ଅଟକ ରଖିଥିବା ଜ୍ୱାଇଁ ଓ ନାତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ଏହି ମାମଲାରେ କୁରୁମବାଙ୍କତରା ଗାଁର କାଶୀନାଥ ସାହୁ ସପରିବାର ବାହାଡାଝୋଲା ଦେଇ ଏକ ଶୁଦ୍ଧିକ୍ରିୟାରୁ ଫେରୁଥିଲେ। ପୂର୍ବ ଶତ୍ରୁତା କାରଣରୁ ନିଜ ଜ୍ୱାଇଁ ରବି ସାହୁଙ୍କ ଦୁଇପୁଅ ଓ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇ ସେମାନେ ଗୁରୁତର ହୋଇଥିଲେ। ପୋଲିସ ରବି ଓ ପୁଅ ବାଙ୍କଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। କାଶୀଙ୍କ ସମେତ ଗୁରୁତର ୪ ଜଣ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ବାପପୁଅ ଗିରଫ ହୋଇ ଜେଲ ଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।

## ରାସ୍ତାରେ ଗରା ବାଲ୍‌ଟି ରଖି ଧାରଣା ଦେବେ ଗାଁ ଲୋକେ

### ଗୋପୀନାଥପୁରରେ ପାନୀୟ ଜଳ ସମସ୍ୟା

ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ବ୍ଲକ ପ୍ରଶାସନ କି ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀ ମଧ୍ୟରେ ତୀବ୍ର ଅସନ୍ତୋଷ ପାଇବା ସହ ଆନ୍ଦୋଳନ ଦାନା ବାନ୍ଧୁଛି। ଆସନ୍ତା ୭ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ପ୍ରଶାସନ ଦୃଷ୍ଟି ନ ଦେଲେ ଗୋପୀନାଥପୁର ଗ୍ରାମବାସୀ ବାଧ ହୋଇ ଖଣ୍ଡପଡା-କଣ୍ଟିଲୋ ମୁଖ୍ୟରାସ୍ତା ଉପରେ ଗରା, ବାଲିଟି, ମାଠିଆ ଥୋଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଗୋପୀନାଥପୁର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ଲାଗି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ 'ଗୋପୀନାଥପୁରରେ ପାଣି ପାଇଁ ହାହାକାର' ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଅଭିଳାଷ ପଣ୍ଡା ଓ ସହଯୋଗୀ ମାନେ ଗୋପୀନାଥପୁର ଗ୍ରାମବାସୀଙ୍କୁ ଭେଟି ପାନୀୟଜଳ ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟାର ସମାଧାନ ଦାବିରେ ଜିଲାପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି। ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଖଣ୍ଡପଡ଼ା ବିଡିଓ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

## ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୬ଟିର ସମାଧାନ


ଜିଲାପାଳ ପୋମା ଟୁଡୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ପାଖରେ ଅନ୍ୟମାନେ।

ନୟାଗଡ଼ ଅଫିସ,୧୮।୪

କୋଭିଡ୍ ମହାମାରୀ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ଜନଶୁଣାଣି ଶିବିର ସ୍ଥଗିତ ରଖାଯାଇଥିଲା। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁ ଶୁଣାଣି କରିଥିଲେ। ଏଥିରେ ବ୍ୟକ୍ତିଗତ ଭାବେ ୧୮ଟି ଅଭିଯୋଗ ପଞ୍ଜୀକରଣ କରାଯାଇ ଶୁଣାଣି ହୋଇଥିଲା। ସେଥିରୁ ୬ଟି ମାମଲାର ତତ୍‌କାଳୀନ ସମାଧାନ କରାଯାଇଥିଲା। ଅନ୍ୟଗୁଡ଼ିକର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମାଧାନ ହୋଇଥିବା ୬ ମାମଲା ମଧ୍ୟରୁ ୩ ଜଣଙ୍କୁ ରେଡ୍‌କ୍ରସରୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ଦିଆଯାଇଥିଲା। ମୁଥାଗାଡ଼ିଆ ଗାଁର ଲାବନ୍ୟଙ୍କୁ ୫ ହଜାର, ପିଆଶାଳିଆ ଗାଁର ପ୍ରଫୁଲ୍ଲ ମାଝିଙ୍କୁ ୩ ହଜାର ଓ ବରପଲ୍ଲୀର ସୁଚିତ୍ରା ମହାପାତ୍ରଙ୍କୁ ୧୫ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି ଶିବିରରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲାର ସମସ୍ତ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାଗୁଡ଼ିକର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

## ନାଗଫାଶ ବନ୍ଧନ, କୁମ୍ଭକର୍ଣ୍ଣ ବଧ

### ଲଙ୍କାପୋଡ଼ି ଯାତ୍ରାର ୮ମ ଦିବସ

ଦଶପଲ୍ଲା ୧୮।୪( ଡି.ଏନ.ଏ.)

ଦଶପଲ୍ଲା ଲଙ୍କାପୋଡି ଯାତ୍ରାର କୁମ୍ଭକର୍ଣ୍ଣ ବଧ ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଓ ସବୁଠାରୁ ସଂଘର୍ଷମୟ ଅଧ୍ୟାୟ। ଯୁଦ୍ଧ ଆରମ୍ଭ ପୂର୍ବରୁ ଶ୍ରୀରାମଚନ୍ଦ୍ର ଶାନ୍ତିଦୂତ ଭାବେ ଚିଟାଉ ଦେଇ ଅଙ୍ଗଦଙ୍କୁ ରାବଣ ପାଖକୁ ପ୍ରେରଣ କରନ୍ତି। ମାତ୍ର ଲଙ୍କାପତି ରାବଣ ଏହାକୁ ଭ୍ରୂକ୍ଷେପ କରେନାହିଁ। ଏଣୁ ଯୁବରାଜ ଅଙ୍ଗଦ ଲଙ୍କାର ଜଗତି ସହ ନେଇ ଆସି ଶ୍ରୀରାମଙ୍କ ପାଖରେ ପହଞ୍ଚନ୍ତି, ଯୁଦ୍ଧ ଆରମ୍ଭ ହୁଏ। ସୋମବାରର ପ୍ରସଙ୍ଗରେ ବହୁ ଅସୁର ନିଧନ ହୁଅନ୍ତି। ଇନ୍ଦ୍ରଜିତ୍ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରିଛନ୍ତି। ନାଗଫାସରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ବନ୍ଧନ କରଛନ୍ତି। ଏ ସମୟରେ ପୁଷ୍ପକ ବିମାନରେ ବସି ସୀତାଙ୍କ ଶୋକ ଅତିବ ହୃଦୟ ବିଦାରକ ଓ କେବଳ ଇନ୍ଦ୍ରଜିତଙ୍କୁ ଛାଡି ଦେଲେ ରାବଣର ଧୂମ୍ରମୟ, ଧୂମକ୍ଷ ଲାଭିଦତ୍ୟ ଭଳି ବଡ଼ ବଡ଼ ବୀର ମୃତ୍ୟୁ ମୁଖରେ ପଡନ୍ତି। ଏହିଠାରେ ଦୁଇଟି ରୋଚକ ପ୍ରସଙ୍ଗର ରହିଛି। ରାବଣ ମୟା ସୀତା ପ୍ରସ୍ତୁତ କରି ଶ୍ରୀରାମଙ୍କ ଆଗରେ ତାକୁ ନିଧନ କରେ। ଶ୍ରୀରାମ ଶୋକରେ ଅଧିର ହୋଇଯାନ୍ତି, କିନ୍ତୁ ବିଭୀଷଣ ସତ୍ୟାସତ୍ୟ କହିବା ପରେ ପୁନଶ୍ଚ ଲଢେଇ ଘୋମାଘଟ ହୁଏ। ଠିକ୍ ସେହିପରି ରାବଣ ମାୟା ଶ୍ରୀରାମଲକ୍ଷ୍ମଣଙ୍କର ମୁଣ୍ଡନେଇ ସୀତାଙ୍କ ଦେଖାନ୍ତି ସୀତା ମଧ୍ୟ ଶୋକାକୁଳ ହେବା ବେଳେ ରାମଚନ୍ଦ୍ର ସେନା ଲଙ୍କା ଘେରାଉ କରିବାର ବିଭୀଷଣ ନନ୍ଦିନୀ, ତ୍ରିଜଟା ସତ୍ୟ କଥାଟା ସୀତା ଦେବୀଙ୍କୁ କୁହନ୍ତି। ଏପରି କ୍ରମଶଃ ରାକ୍ଷସ ସେନା ଦୁର୍ବଳ ହେବାରୁ ରାବଣ ନିର୍ଦ୍ଦେଶରେ କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ କରାଯାଏ।

ଅସମୟରେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ଏକ ଶୁଭ ଲକ୍ଷଣ ନୁହେଁ, ତଥାପି ସେ ସମସ୍ତ କଥା ରାବଣଠାରୁ ଶୁଣିବା ପରେ ଭାଇର କାର୍ଯ୍ୟକୁ ନାପସନ୍ଦ କଲେ ମଧ୍ୟ ରାବଣ ପକ୍ଷ ତ୍ୟାଗ ନ କରି ଯୁଦ୍ଧକୁ ଗମନ କରେ। ଯୁଦ୍ଧରେ ନଳନୀଳ ସୁଶେଣ ଆଦିଙ୍କୁ ପରାସ୍ତ କରି ସୁଗ୍ରୀବଙ୍କୁ କାଖ ତଳେ ଚାପି ଲଙ୍କା ଫେରୁଥିଲେ। ଏହି ସମୟରେ ସୁଗ୍ରୀବ କୌଶଳକ୍ରମେ ଖସି ଯାଇ କୁମ୍ଭକର୍ଣ୍ଣର କର୍ଣ୍ଣ ଓ ନାସା ଉପାଡି ଦିଅନ୍ତି, ଫଳରେ କ୍ରୋଧ ଜର୍ଜରୀତ କୁମ୍ଭକର୍ଣ୍ଣ ଯୁଦ୍ଧକୁ ଆସି ବହୁ ସୈନ୍ୟଙ୍କୁ ନିଧନ କରିବା ପରେ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ସ୍ୱର୍ଗ ପ୍ରାପ୍ତ ହୁଏ। ଆଜିର ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଥିବାରୁ ବହୁ ଜନସମାବେଶ ହୁଏ।


ଶ୍ରୀରାମଚନ୍ଦ୍ର କୁମ୍ଭକର୍ଣ୍ଣଙ୍କୁ ବଧ କରୁଥିବାର ଦୃଶ୍ୟ।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧୋତ୍ସବ

ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ୬ଷ୍ଠ ବାର୍ଷିକୀ ଶ୍ରାଦ୍ଧୋତ୍ସବ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସ୍ୱର୍ଗତ ମିଶ୍ର ଉକ୍ତ କଲେଜର ପ୍ରତିଷ୍ଠାତା ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇ ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ପଟ୍ଟନାୟକ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପ୍ରାଧାପକ ପବିତ୍ର କୁମାର ସୁବୁଦ୍ଧି, ଅଧାପକ ସୁଜଳ କୁମାର ମହାରଣାଙ୍କ ସମେତ ଛାତ୍ରୀଛାତ୍ର ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଓ ପୁତ୍ରବଧୂ ପୀୟୂଷ ପ୍ରସାଦ ମିଶ୍ର, ମନୀଷା ମିଶ୍ର ଓ ସଙ୍ଗୀତା ମିଶ୍ର ଉତ୍ସବରେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ।



ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

## ଆଦର୍ଶ ପୋଖରୀ, ଗ୍ରାମ୍ୟ ପାର୍କ ନିର୍ମାଣକୁ ଗୁରୁତ୍ୱ

- ନୂଆଗାଁ ବ୍ଲକରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା
- ଜିଆରଏସ୍, ପିଇଓଙ୍କ ଅନୁପସ୍ଥିତ ନେଇ କ୍ଷୋଭ ପ୍ରକାଶ କଲେ ଉପାଧ୍ୟକ୍ଷ

ନୂଆଗାଁ ୧୮।୪ (ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଶ୍ରମିକମାନେ ରୋଜଗାରକ୍ଷମ ହେବା ସହ ଲୋକଙ୍କ ହିତ ସାଧନରେ କାର୍ଯ୍ୟ ହୋଇ ପାରୁଥିବାରୁ ସରକାର ଏହାରି ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ୨୬୦ଟି ପ୍ରକଳ୍ପ କାର୍ଯ୍ୟ କରାଯିବ ବୋଲି ବ୍ୟବସ୍ଥା କରାଯାଇଛି। ତେଣୁ ସେସବୁ ଯୋଜନାକୁ ଜନପ୍ରତିନିଧିଙ୍କ ମାଧ୍ୟମରେ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ମାଧ୍ୟମରେ ନୂଆ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଭ୍ୟ, ସମିତିସଭ୍ୟ, ସରପଞ୍ଚଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍, ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ଆଇନର ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସର ବିଭିନ୍ନ କାର୍ଯ୍ୟ ବିଷୟରେ ବ୍ଲକ ଏପିଓ ଅମରେନ୍ଦ୍ର ସାହୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସରକାର ଏମ୍‌ଜିଏନ୍‌ଆରଇଜିଏସ ମାଧ୍ୟମରେ ଆଦର୍ଶ ପୋଖରୀ ଓ ଗ୍ରାମ୍ୟ ପାର୍କ ନିର୍ମାଣ ପାଇଁ ଗୁରୁତ୍ୱ ଦେଉଛନ୍ତି। ପ୍ରତି ପଞ୍ଚାୟତରେ ଆଦର୍ଶ ପୋଖରୀ ଓ ଗ୍ରାମ୍ୟ ପାର୍କ କିଭଳି କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ତେଣୁ ପ୍ରଥମେ ସରପଞ୍ଚ ଓ ସମିତିସଭ୍ୟ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ବିଡିଓ ପ୍ରମୋଦ କୁମାର ନାୟକ କହିଥିଲେ। ଜଳ, ଜମି, ଜଙ୍ଗଲ, କୃଷି ଓ କୃଷି ଭିତ୍ତିକ କାର୍ଯ୍ୟ ପାଇଁ ଲୋକମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା, ଗ୍ରାମ୍ୟ ହାଟର ପୁନରୁଦ୍ଧାର, ପଞ୍ଚାୟତରେ ପାଠାଗାର ନିମନ୍ତେ ଦୃଷ୍ଟି ଦେବାକୁ ଏପିଓ ସାହୁ ଅନୁରୋଧ କରିଥିଲେ। ସାମାଜିକ ସୁରକ୍ଷା ବାବଦରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁ ବିବରଣୀ ପ୍ରଦାନ କରିଥିଲେ।

ଅନେକ ଲୋକ ନକଲି ଶାରୀରିକ ଅକ୍ଷମ ପ୍ରମାଣ ପତ୍ର ଦେଇ ଭତ୍ତା ହାତେଇଥିବା ନେଇ ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ ଅଭିଯୋଗ ଆଣିଥିଲେ। ତେବେ ଭତ୍ତା ପାଇବାରେ ଅନିୟମିତତା ଦେଖିଲେ ସରପଞ୍ଚ, ସମିତିସଭ୍ୟ ନିଜ ପ୍ୟାଡରେ ଲିଖିତ ଭାବେ ଜଣାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ନାୟକ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକରେ ଭତ୍ତା ପାଇବାକୁ ୮୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ନାହାନ୍ତି ବୋଲି ସାହୁ ଜଣାଇଥିଲେ। ଖାଦ୍ୟ ସୁରକ୍ଷା ଆଇନରେ ମିଳୁଥିବା ରାଶନ ସାମଗ୍ରୀକୁ ତଦାରଖ କରିବାକୁ ଟିମ୍ ଗଠନ କରାଯାଇଥିଲେ ମଧ୍ୟ ସରପଞ୍ଚ, ସମିତିସଭ୍ୟ ଜାଣି ନ ଥିବା ଅଭିଯୋଗ କରିଥିଲେ। ପଞ୍ଚାୟତ ଅଧିକାରୀ ଚାଉଳ ହଡପ କରୁଥିବା ବେଳେ ସରପଞ୍ଚଙ୍କୁ ଅପମାନିତ ହେବାକୁ ପଡୁଥିବା ନେଇ ଉଦୟପୁର ସରପଞ୍ଚ ମମତା ବେହେରା ଅଭିଯୋଗ କରିଥିଲେ।

ଏ ବାବଦରେ ଉତ୍ତର ରଖିବା ପାଇଁ କୌଣସି ପିଇଓ ଆସି ନ ଥିବାରୁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ପୁନରାବୃତ୍ତି ନ ହେଉ ବୋଲି କହିଥିଲେ। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ବିଜୟ କୁମାର ସାସମଲ, ଦୁଇ ଜିଲା ପରିଷଦ ସଭ୍ୟ ଜସ୍ମିନ ଦାସ ଓ ପ୍ରତିମା ଦଳବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ନୂଆଗାଁ ବ୍ଲକରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ କରୁଛନ୍ତି।

## ସଂକ୍ଷେପରେ

### ଜାହାଜ ମରାମତି ପ୍ରକଳ୍ପ ଉଦ୍‌ଘାଟିତ



ପାରାଦୀପ, ୧୮।୪(ସ୍ୱ.ପ୍ର.): ପାରାଦୀପ ବନ୍ଦର ପୋତାଶ୍ରୟ ପାଖରେ ସୋମବାର ଜାହାଜ ମରାମତି ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବନ୍ଦର ଅଧକ୍ଷ ପି.ଏଲ.ହାରାନ୍ଧଉଦ୍‌ଘାଟନ କରିଥିଲେ। ଏହି ମରାମତି ପ୍ରକଳ୍ପ ପ୍ରାୟ ୩୦ ବର୍ଷ ତଳେ ହୋଇଥିଲା। ସେତେବେଳର ବ୍ୟବସ୍ଥା ଅନୁସାରେ ତାହା ଛୋଟ ଓ ସାଧାରଣ ଥିଲା। ଏବେ ଏହାକୁ ଯାନ୍ତ୍ରିକୀକରଣ କରାଯାଇଛି। ଏଠାରେ ବଡ ଜାହାଜ ଓ ବୋଟ ମରାମତି ହେବାଭଳି ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରକଳ୍ପକୁ ସାଧବ ସ୍ଲିପଓ୍ୱେ ଇଞ୍ଜିନିୟରିଂ ଲିମିଟେଡ୍ ନାମକ କମ୍ପାନୀ ପରିଚାଳନା କରିବ। ଏଥିରେ ଜାହାଜ ମରାମତି ସହ ନୂଆ ଜାହାଜ ନିର୍ମାଣ ହୋଇପାରିବ ବୋଲି କମ୍ପାନୀ ମୁଖ୍ୟ ଦେବହୁତି ଚୌଧୁରୀ ସୂଚନା ଦେଇଛନ୍ତି। ଏହା ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବ ବୋଲି କୁହାଯାଇଛି।

### ସାଗରିକା କଳା ନିକେତନର ବାର୍ଷିକୋତ୍ସବ

ପାରାଦୀପ, ୧୮।୪(ସ୍ୱ.ପ୍ର.): ପାରାଦୀପ ବନ୍ଦର ସାଂସ୍କୃତିକ ଅନୁଷ୍ଠାନ ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅନୁଷ୍ଠାନ ଜରିଆରେ ଛାତ୍ରୀଛାତ୍ରମାନେ ନୃତ୍ୟ ସଙ୍ଗୀତ ଶିଖିଥାନ୍ତି। କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ଯୋଗ ଦେଇ ଅନୁଷ୍ଠାନର ମହତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଥିବା ଅତୁଲ୍ୟ କୁମାର ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ନିରୋଜ କୁମାର ପଟ୍ଟନାୟକ ଓ ଅନ୍ୟମାନେ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ସାଗରିକା କଳା ନିକେତନର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

### ୧୮ ଗ୍ରାମ୍ ବ୍ରାଉନ ସୁଗାର ଜବତ

ଜଗତ୍‌ସିଂହପୁର ଅଫିସ, ୧୮।୪: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଅୟର ହନୁମାନ ମନ୍ଦିର ନିକଟରୁ ୧୮ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଥାନା ଅନ୍ତର୍ଗତ ଆମ୍ବଦରଡ଼ା ଗ୍ରାମର ମନୋଜ କୁମାର ମଲ୍ଲିକ (୩୨)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ପୋଲିସ ମାମଲା (ନଂ. ୨୩୧/୨୨) ରୁଜୁ କରିଛି।

### ଆନ୍ତର୍ଜାତିକ ଯୋଗ ଦିବସର ପ୍ରାକ୍ କାର୍ଯ୍ୟକ୍ରମ

ପାରାଦୀପ,୧୮।୪ (ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରାକ ଯୋଗ ଦିବସ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ଯୋଗ ଦିବସ (୨୧ ଜୁନ)ର ୬୪ ଦିନ ପୂର୍ବରୁ ଏହା ଆରମ୍ଭ ହୋଇଛି। ଏନେଇ ଆର୍ଟ ଅଫ ଲିଭିଙ୍ଗ ଅନୁଷ୍ଠାନ ପକ୍ଷରୁ ପ୍ରତିଦିନ ସ୍ମୃତି ଉଦ୍ୟାନ ପରିସରରେ ଯୋଗ କରାଯିବ। ଏହାକୁ ବନ୍ଦର ଅଧକ୍ଷ ପି.ଏଲ.ହାରାନ୍ଧ ଉଦଘାଟନ କରିଥିଲେ। ଏଥିରେ ବନ୍ଦର ବିଭାଗୀୟ ମୁଖ୍ୟ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ୨୫୦ରୁ ଊର୍ଦ୍ଧ୍ୱ ପରିବାର ପାଣି ପାଇଁ ଡହଳବିକଳ

ନାଉଗାଁ,୧୮।୪(ସ୍ୱ.ପ୍ର.)



ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁନି।

- ଷ୍ଟାଣ୍ଡ ପୋଷ୍ଟରେ ପାଣି ଆସୁନି
- ୩ ବର୍ଷ ହେବ ନିର୍ମାଣ କରାଯାଇଛି
- ରାସ୍ତା କାମ ଯୋଗୁ ପାଇପ ଖରାପ ହୋଇଯାଇଛି

ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ମଧୁର ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ତରଫରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। କେଉଁଠି ପାଇପ ଫାଟି ରାସ୍ତା ଘାଟରେ ପାନୀୟ ଜଳ ନଷ୍ଟ ହେଉଥିବାବେଳେ ଆଉ କେଉଁଠି ଦୀର୍ଘ ଦିନ ହେବ ପାଇପ ସଂଯୋଗ କରାଯାଇଥିଲେ ମଧ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତଟି ନଦୀ ନଦୀ କୂଳରେ ଅବସ୍ଥିତ। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମ ହୋଇଥିବାରୁ ଏଠାରେ ଅଧିକାଂଶ ନଳକୂପରରୁ ଲୁଣି ପାଣି ଆସିଥାଏ। ନଦୀ କୂଳିଆବାସୀଙ୍କୁ ମଧୁର ପାନୀୟ ଜଳ ଯୋଗାଇବା ପାଇଁ ସାରେଇକୂଳଠାରେ ଏକ ସୁଉଚ୍ଚ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଉପରେ ପଞ୍ଚାୟତର ଶାଳିଜଙ୍ଗା, ଅଙ୍ଗେଶ୍ୱରପଡା, ଶିଖର, ବିଲିପଡା ଆଦି ଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ। ଉକ୍ତ ପ୍ରକଳ୍ପ ଜରିଆରେ ପରିବାରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ ସଂଯୋଗ କରାଯାଇ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟକୁ ୩ ବର୍ଷ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲ ମଧ ଏପର୍ଯ୍ୟନ୍ତ ପାଣି ଆସିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି ବୋଲି କହିଛନ୍ତି। ସାରେଇକୂଳର ଦୋଳ ଗୋବିନ୍ଦ ଲେଙ୍କା, ଶଙ୍କର ପ୍ରସାଦ ରାଉତ, ଶିଖରର ଅନାଦି ବାରିକ, ବିଜୟ କୁମାର ବାରିକ, ବିଲିପଡାର ନନ୍ଦ ସ୍ୱାଇଁଙ୍କ କହିବା ମୁତାବକ ଗ୍ରାମ ଦେଇ ୨ ଟି ମୁଖ୍ୟ ରାସ୍ତା ଯାଇଛି। ଗୋଟିଏ ରାସ୍ତା ସାରେଇକୂଳରୁ ଶାଳିଜଙ୍ଗାକୁ ସଂଯୋଗ କରୁଛି। ଏହା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ରହିଛି। ସେହିପରି ଅନ୍ୟ ରାସ୍ତାଟି ଶିଖରଘାଟ-ବାଲିଭଉଁରୀକୁ ସଂଯୋଗ କରୁଛି। ଏହି ରାସ୍ତା ପାର୍ଶ୍ୱରେ ସାରେକୂଳ, ବିଲିପଡା ଗ୍ରାମ ରହିଛି। ଏହି ୨ଟି ରାସ୍ତା ମରାମତି ସମୟରେ ପାନୀୟ ଜଳ ପ୍ରକଳ୍ପରୁ ସଂଯୋଗ କରାଯାଇଥିବା ପାଇପଗୁଡିକ ବନ୍ଦ ହୋଇଯାଇଛି। ଫଳରେ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି।

ସେହିପରି ପାଇପ ସଂଯୋଗ ସମୟରେ ସରକାରୀ ନିୟମ ଅନୁସାରେ ପ୍ରତି ଘରକୁ ପାଇପ ସଂଯୋଗ କରି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରିବା କଥା। କିନ୍ତୁ କାର୍ଯାଦେଶ ପାଇଥିବା ଠିକାଦାର ଗୋଟିଏ ଷ୍ଟାଣ୍ଡ ପୋଷ୍ଟରେ ୩ରୁ ଅଧିକ ଗୃହ ସଂଯୋଗ କରିଛଛି।

ଏବେ ଗ୍ରୀଷ୍ମ ପ୍ରବାଦ ଜାରି ରହିଥିବା ବେଳେ ଅନେକ ନଳକୂପ ଅଚଳ ହୋଇଯାଇଛି। ଏଭଳି ସମୟରେ ଗ୍ରାମ୍ୟ ଜଳ ପରିମଳ ବିଭାଗ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଏକମାତ୍ର ଭରସା। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ପାନୀୟ ଜଳ ପାଇବାରୁ ସ୍ଥାନୀୟ ଲୋକେ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରଶ୍ମିରଞ୍ଜନ ଦାସ କହିଛନ୍ତି। ମୁଁ ଏବିଷୟରେ ଅବଗତ ନଥିଲ। ଖୁବଶୀଘ୍ର ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା



ତିର୍ତ୍ତୋଲ,୧୮।୪(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ବ୍ଲକସ୍ତରୀୟ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହାକୁ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଉପାଧକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧକ୍ଷ ମନୋଜ ବେହେରା, ବିଡିଓ ଅଟଳ ବିହାରୀ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କ୍ଷେତ୍ରବାସୀ ଦାଶ, ଡିପିଏମ୍ ଚକ୍ରଧର ଜେନା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ମହାନ୍ତି, ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭଜ୍ୟୋତି ମହାନ୍ତି, ଜିଲା (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଏମ୍‌ପି ଡା. ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ ତାଲିମ ପ୍ରକୋଷ୍ଠରେ ପ୍ରଶିକ୍ଷକଙ୍କଠାରୁ ଯୋଗ ଶିକ୍ଷା କରିବା ସହ ସ୍ୱାସ୍ଥ୍ୟ ମେଳା ବୁଲି ଦେଖିଲେ।

## ନ୍ୟାୟ ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

ନାଉଗାଁ,୧୮।୪ (ସ୍ୱ.ପ୍ର.)



ଭଗବାନ ସ୍ୱାଇଁ ଅନଶନରେ ବସିଛନ୍ତି।

**୨୬ ବର୍ଷ ପୂର୍ବେ ଘର ପୋଡ଼ି ଦେଇଥିଲେ ଦୁର୍ବୃତ୍ତ**
- ବିଡିଓଙ୍କ ପ୍ରତିଶ୍ରୁତି ପରେ ଓହରିଲେ
- ଆତ୍ମାହୁତି ଦେବାକୁ ଚେତାବନୀ

ନାଉଗାଁ ତହସିଲ ଅଧୀନ ଓଷକଣା ପଞ୍ଚାୟତ ନୟାସିଙ୍ଗଡା ଗ୍ରାମର ଭଗବାନ ସ୍ୱାଇଁଙ୍କ ଘରକୁ ୧୯୯୬ରେ କେତେଜଣ ଦୁର୍ବୃତ୍ତ ପୋଡ଼ି ଦେଇଥିଲେ। ଏନେଇ ସେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘ ୨୬ ବର୍ଷ ପୂରିଲା ପରେ ମଧ ଭଗବାନଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିପାରି ନାହିଁ। ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେ ସୋମବାର ଆମରଣ ଅନଶନରେ ବସିବା ସହ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଘର ପୋଡ଼ିବା ପରେ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ଆବାସିକ ଯୋଜନାରେ ଘର ଖଣ୍ଡେ ମିଳିପାରିନାହିଁ। ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବାରମ୍ବାର ଥାନାକୁ ଯାଇଛନ୍ତି। ମାତ୍ର ତତ୍କାଳୀନ ଥାନା ଅଧିକାରୀ ଏନେଇ କୌଣସି ଆଖିଦୃଶିଆ କାମ କରି ନ ଥିଲେ। ଖବରପାଇ ବିଡିଓ ରଶ୍ମିରେଖା ମଲିକ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଶୀଘ୍ରନ୍ୟାୟ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଭଗବାନ ଅନଶନରୁ ଓହରିଥିଲେ।

### ରାଜନୈତିକ ଇତିହାସ ବ୍ୟବସ୍ଥାର ପୁନଃଚିନ୍ତନ ସମ୍ପର୍କିତ ଆଲୋଚନାଚକ୍ର

ପାରାଦୀପ, ୧୮।୪(ସ୍ୱ.ପ୍ର.)

ପାରାଦୀପ କଲେଜ ପରିସରରେ ସୋମବାର ଇତିହାସ ବିଭାଗର ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡା.ସସ୍ମିତା ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାରେ ସିଦ୍ଧାର୍ଥ ଶଙ୍କର ରଥ, ବିକ୍ରମ କେଶରୀ ଜେନା ଆଲୋଚନା କରିଥିଲେ। ପ୍ରଗତିଶୀଳ ରାଜନୈତିକ ଇତିହାସ ବ୍ୟବସ୍ଥାର ପୁନଃଚିନ୍ତନ କରାଯାଇଥିଲା। ଏହା ଉପରେ ସମୀକ୍ଷା କରାଯାଇ ବକ୍ତାମାନେ ନିଜ ନିଜ ମତ ରଖିଥିଲେ। ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ଭବିଷ୍ୟତ ପାଇଁ ଅନେକ ନକରାତ୍ମକ ସ୍ଥିତି ଆଣିବ। ଏନେଇ ସଭିଏ ଯତ୍ନବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଅଧାପକ ଅକ୍ଷୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଂଘମିତ୍ରା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଘରକୁ ଫେରିପାରୁନାହାନ୍ତି ବାଂଲାଦେଶୀ ଯୁବକ

ନାଉଗାଁ,୧୮।୪(ସ୍ୱ.ପ୍ର.)



ଏମ୍. ଡି ମିଜାନୁର ଶେଖ।

- ୬ ବର୍ଷ ହେବ ଘରକୁ ଯାଇନାହାନ୍ତି
- ନ ଜଣାଇ ରହୁଥିବାରୁ ୩ ବର୍ଷ ଜେଲଦଣ୍ଡ ଭୋଗିଛନ୍ତି
- ପଠାଇବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କ ନିକଟରେ ଦାବି

ନାଉଗାଁ ବ୍ଲକରେ ରହୁଥିବା ଜଣେ ବାଂଲାଦେଶୀ ଯୁବକ ୬ ବର୍ଷ ହେବ ଘରକୁ ଫେରିପାରୁନାହାନ୍ତି। ସେ ହେଲେ ବାଂଲାଦେଶ, ସୁନ୍ଦରତାରା ଅଞ୍ଚଳର ଏମ. ଡି ମିଜାନୁର ଶେଖ। ତାଙ୍କୁ ସ୍ୱଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସାମାଜିକ କର୍ମୀ ପ୍ରସନ୍ନଜିତ୍ ସାହୁ ଲିଖିତ ଭାବେ ଦାବି କରିଛନ୍ତି।

ଶେଖ ୨୦୧୪ରୁ ପାରାଦୀପରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ରେ ସେ ଆଧାର କାର୍ଡ ବନେଇବାକୁ ସ୍ଥାନୀୟ ଆଧାରକେନ୍ଦ୍ରକୁ ଯାଇଥିଲେ। ଏହି ସମୟରେ ସେ ବାଂଲାଦେଶୀ ବୋଲି ଜଣାପଡ଼ିବା ପରେ ଗୁଇନ୍ଦା ବିଭାଗ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ପ୍ରଶାସନକୁ ନ ଜଣାଇ ଏଠାରେ ରହୁଥିବାରୁ ୨୦୧୯ ପର୍ଯ୍ୟନ୍ତ ସେ କୁଜଙ୍ଗ ଜେଲରେ ରହି ଜେଲଦଣ୍ଡ ଭୋଗିଥିଲେ। ସେଠାରୁ ଫେରିବା ପରେ ଜିଲାପାଳ ଯାମିନୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ତାଙ୍କୁ ନାଉଗାଁ ବ୍ଲକ ଛକସ୍ଥିତ ଜରାଶ୍ରମରେ ରଖାଯାଇଛି। ଏବେ ସେ ପୁନର୍ବାର ଗିରଫ ହେବା ଭୟରେ ସ୍ୱଦେଶକୁ ଫେରିପାରୁନାହାନ୍ତି ବୋଲି କହିଛନ୍ତି। ସେଠାରେ ତାଙ୍କ ସ୍ତ୍ରୀ, ପୁଅ, ଝିଅ ରହୁଛନ୍ତି। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାରରେ ତାଙ୍କ ଆବଶ୍ୟକତା ରହିଛି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟୱାରି କହିଛନ୍ତି, ସେ ପୂର୍ବରୁ ଏ ବିଷୟରେ ଅବଗତ ନଥିଲେ। କିପରି ସେ ନିଜ ଘରକୁ ଯାଇ ପାରିବେ ସେ ନେଇ ପଦକ୍ଷେପ ନିଆଯିବ।

## ଜଗତ୍‌ସିଂହପୁର ସହରରେ ନୋ ପାର୍କିଂ ଜୋନ୍

ଜଗତ୍‌ସିଂହପୁର ଅଫିସ, ୧୮।୪

ଜଗତ୍‌ସିଂହପୁର-ଜୟପୁର ରାସ୍ତାର ଥାନା ଛକଠାରୁ ଖୁଣ୍ଟିଆ ଡ୍ରେସ୍ ହାଉସ୍ ଏବଂ ଥାନା ଛକଠାରୁ ଟାଉନ ହଲ ଛକ ପର୍ଯ୍ୟନ୍ତ ରାସ୍ତାର ବାମ ପାର୍ଶ୍ୱରେ ଲୋକେ ଯାନବାହାନ ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଜନସାଧାରଣଙ୍କ ଗମନାଗମନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ୧୯୮୮ ମୋଟରଯାନ ଆଇନ ଧାରା ୧୧୫ ଅନୁଯାୟୀ, ଥାନା ଛକଠାରୁ ଖୁଣ୍ଟିଆ ଡ୍ରେସ୍ ହାଉସ୍ ଓ ଥାନା ଛକଠାରୁ ଟାଉନ ହଲ୍ ଛକ ପର୍ଯ୍ୟନ୍ତ ଜିଲାପାଳ ପାରୁଲ ପଟୱାରୀ ନୋ ପାର୍କିଂ ଜୋନ୍ ଘୋଷଣା କରିଛନ୍ତି।

ଏହି ନିଷେଧାଦେଶ ୧୧।୪।୨୨ରୁ ୧୦।୫।୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ। କରୋନା ସଂକ୍ରମଣ, ଲକ୍‌ଡାଉନ୍, ସଟ୍‌ଡାଉନ୍ ଆଦି ଯୋଗୁ ଜଗତ୍‌ସିଂହପୁର ସହରରେ ସେଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉ ନ ଥିଲା। କିନ୍ତୁ ସଂକ୍ରମଣ ନିୟନ୍ତ୍ରଣାଧିନ ହେବା ଏବଂ ପରିସ୍ଥିତି ସ୍ୱାଭାବିକ ହେବାରୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

### ପୁଣି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ

## ପ୍ରଥମ ଦିନ ୩୫ ମାମଲାର ଶୁଣାଣି



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଅଫିସ, ୧୮।୪

କରୋନା ସଂକ୍ରମଣ ଯୋଗୁ ପାଖାପାଖି ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଜଗତ୍‌ସିଂହପୁର ଜିଲାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ହୋଇ ନ ଥିଲା। ପରିସ୍ଥିତିରେ ସୁଧାର ଆସିବାରୁ ଜିଲାରେ ଏହି ଶିବିର ପୁଣି ଆରମ୍ଭ ହୋଇଛି। ସୋମବାର ଜଗତ୍‌ସିଂହପୁର ବ୍ଲକ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶୁଣାଣି ହୋଇଥିଲା। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୩୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୨୯, ଗାଁ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଜଗତ୍‌ସିଂହପୁର ତହସିଲଦାର ଅଞ୍ଜଳି ତରାଉ, ବିଡିଓ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ର ବିଭାଗୀୟ ଅଧିକାରୀଙ୍କ ସମେତ ସହକାରୀ ଜିଲାପାଳ (ଅଭିଯୋଗ) ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତଦେହ ରଖି ରାସ୍ତାରୋକୋ

- ଟ୍ରେଲର ଧକ୍କାରେ ସାଇକେଲ ଆରୋହୀ ମୃତ
- ପରିବାରକୁ କ୍ଷତିପୂରଣ ଦେବାକୁ ଦାବି

ପାରାଦୀପ, ୧୮।୪(ସ୍ୱ.ପ୍ର.)



ଉତ୍ତ୍ୟକ୍ତ ଲୋକେ ମନ୍ଦିର ଗଡାଠାରେ ରାସ୍ତା ଅବରୋଧ କରିଛନ୍ତି।

ପାରାଦୀପ-କଟକ ରାଜ୍ୟ ରାଜପଥର ଲୋକନାଥ ମନ୍ଦିର ଗଡାଠାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲକ୍‌ଥାନା ଅନ୍ତର୍ଗତ ଗଡ ଗ୍ରାମର ବନମାଳୀ ଗୋଚ୍ଛାୟତ। ବନମାଳୀ ସାଇକେଲ୍‌ରେ ଭୂତମୁଣ୍ଡାଇରୁ ଘରକୁ ଫେରିବା ବେଳେ ପାରାଦୀପରୁ କଟକ ଯାଉଥିବା ଏକ ଟ୍ରେଲର ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। କିଛି ବାଟ ଯିବା ପରେ ସ୍ଥାନୀୟ ଲୋକେ ଉକ୍ତ ଗାଡ଼ିକୁ ଧରିଥିଲେ। ଏହାପରେ ଲୋକେ କଟକ-ପାରାଦୀପ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତଦେହ ରଖି ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଖବରପାଇ ଘଟଣାସ୍ଥଳରେ ଲକ୍ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ମୃତଦେହ ଜବତ କରାଯାଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ମା’ କନ୍ଧୁଣିଦେବୀଙ୍କ ଯାତ୍ରା ଉଦ୍‌ଯାପିତ

ସୋରଡା,୧୮।୪(ଡି.ଏନ୍.ଏ.): ସୋରଡ଼ା ବ୍ଲକ ବଡଗୋଛାଠାରେ ଚାଲିଥିବା ମା’ କନ୍ଧୁଣିଦେବୀଙ୍କ ଯାତ୍ରା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ରୁ ଦାବିକି ଗ୍ରାମରୁ ମା’ଙ୍କୁ ଆବାହନ କରି ସୋଭାଯାତ୍ରାରେ ଆଣି ଅସ୍ଥାୟୀ ମଣ୍ଡପରେ ବିଜେ କରଯାଇଥିଲା। ବିଭିନ୍ନ ଦିନ ସନ୍ଧ୍ୟାରେ ଭଜନ ସମାରୋହ, ସାହାସପୁର ରାଜା ନାଟକ, ନୟାଗଡ ପାଲା, ଗୋଲାପଡା ଭରତଲୀଳା ଆସ୍କା କୁମ୍ଭରି ନବରଙ୍ଗ ନାଟକ, କାଟୁ ଭାରତଲୀଳା ପ୍ରଦର୍ଶନ ହୋଇଥିଲା। ଶେଷଦିନରେ ଗଞ୍ଜାମ ପ୍ରସିଦ୍ଧ ବଳରାମପୁରର ମହାଭାରତ ନାଟକ ପ୍ରଦର୍ଶନ ହୋଇଥିଲା। ମଙ୍ଗଳବାର ମା’ଙ୍କ ମନ୍ଦିର ପ୍ରସ୍ଥାନ କରାଯିବ। ଆଠ ଦିନ ବ୍ୟାପୀ ଚାଲିଥିବା ଏହି ଯାତ୍ରାକୁ ସରପଞ୍ଚ ତ୍ରିଲୋଚନ ସାହୁ, ଜିଲା ପରିଷଦ ରାଜେଶ ସାହୁଙ୍କ ସମେତ କୁନା ପଟ୍ଟନାୟକ, ଲକ୍ଷ୍ମୀ ଜେନା ଓ ଗ୍ରାମବାସୀ ପରିଚାଳନା କରିଥିଲେ।

### ଡିଭାଇଡର ଅଧାପନ୍ତରିଆ, ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା,୧୮।୪(ଡି.ଏନ.ଏ.): ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ଲାଗି ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧାପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ ନଂ. ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା। ତେବେ କେବଳ ମଦନମୋହନ ଛକଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ହାଇସ୍କୁଲ ଛକଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ନ ହୋଇ ଶୀତଳ ଭଣ୍ଡାରରେ ପଡିରହିଛି। ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁ ଡିଭାଇଡର ହୋଇପାରୁନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଛାତ୍ରୀ ଆତ୍ମରକ୍ଷା ତାଲିମ

ପାରଳାଖେମୁଣ୍ଡି,୧୮।୪(ଡି.ଏନ.ଏ.): ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଏସ୍‌ପି ଜୟରାମ ସତପତିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର କାଶୀନଗର ଥାନାରେ ଶାନ୍ତି କମିଟି ବୈଠକ ହୋଇଥିଲା। ଉପଜିଲାପାଳ ଦିଲ୍ଲୀପ କୁମାର ମହାରଣା, ଏସ୍‌ଡିପିଓ ରାମକୃଷ୍ଣ ପତି, ଜିଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, ତହସିଲଦାର ସୀମାଞ୍ଚଳ ମହାନ୍ତି ଓ ଥାନାଧିକାରୀ ସୁଶାନ୍ତ ସାହୁଙ୍କ ଉପସ୍ଥିତରେ ଏହି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ନିର୍ବାଚନ ପରବର୍ତ୍ତୀ ସମୟର ଖାରଡ଼ା ପଞ୍ଚାୟତର ଧନସରା ଗାଁରେ ହିଂସାକାଣ୍ଡ ହୋଇଥିଲା। ଏହି ହିଂସାକାଣ୍ଡରେ ଖାରଡ଼ା ଓ ଧନସରା ଭିତରେ ଅଶାନ୍ତ ରହୁଥିବାରୁ ବୈଠକରେ ଉଭୟ ଗାଁର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଶାନ୍ତି ବଜାୟ ରଖିବାକୁ ଶପଥ ପାଠ କରାଯାଇଥିଲା।

# ଦେଓଗାଁରେ ପାନୀୟ ଜଳ ସଙ୍କଟ

ଓଡ଼ଗାଁ, ୧୮।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରତିବର୍ଷ ଗ୍ରୀଷ୍ମର ଆଗମନ ସମୟରେ ନୂଆ ପ୍ରତିଶ୍ରୁତି ଦିଆଯାଇଛି। ଏପରି କି ମହାନଦୀ ପାଣି ପିଆଇବାକୁ କୁହାଯାଉଛି। ହେଲେ ସବୁ କିଛି ପାଣିର ଗାର ସଦୃଶ। ଏପରି କି ଏସବୁ ପ୍ରତିଶ୍ରୁତି ଦେବା ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟରେ ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ଲାଗି ସମସ୍ତ ସିଭିଲ ୱାର୍କ ଶେଷ ହେବା ସହ ଲୋକଙ୍କୁ ଭୂଆଁ ବୁଲାଇବାକୁ ଗାଁ ମୁଣ୍ଡରେ ଏକ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କିମାନ ନିର୍ମାଣ କରାଯାଇଛି। ସାହିସାହିରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ସରିଛି। ହେଲେ ମାତ୍ର କେଇଟା ଦିନ ସେଥିରେ ପାଣି ଆସିଥିବା ବେଳେ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଏହାଦ୍ୱାରା ଲୋକ ପାଣି ଟୋପେ ପାଇବାକୁ ଉହକ ବିକଳ ହେଉଛନ୍ତି। କେବଳ ଠିକାଦାର ତଥା ବିଭାଗୀୟ କର୍ମଚାରୀ ମାଲେମାଲ ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣ ଦାୟିତ୍ୱ ପଞ୍ଚାୟତ ନିକଟରେ ରହିଥିବା ବେଳେ ଏହାକୁ ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗ ତଦାରଖ କରୁଛି। ଏପରିସ୍ଥଳେ ବ୍ଲକ ପାଣ୍ଡେରିପଡା ପଞ୍ଚାୟତ ଦେଓଗାଁ



ଦେଓଗାଁ ମଝି ରାସ୍ତାରେ ଥିବା ନଳକୂପ।



ପାନୀୟଜଳ ଷ୍ଟାଣ୍ଡ ପୋଷ୍ଟଟି ଭାଙ୍ଗି ପୋତି ହୋଇଯାଇଛି।

## ପାଣ୍ଡେରିପଡ଼ା ପଞ୍ଚାୟତ

ଧୋବାସାହିରେ ପାନୀୟ ଜଳ ଯୋଗାଣ ସମସ୍ୟା ଗୁରୁତର ହୋଇଥିବା ବେଳେ ଏଥିପ୍ରତି କାହାରି ହେଲେ ନିଘାନାହିଁ। ସାହିର ଉଭୟପାର୍ଶ୍ୱରେ ରହିଥିବା ଏକମାତ୍ର ନଳକୂପ ରାସ୍ତା ମଝିରେ ରହି ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ନଳକୂପ ହେଣ୍ଡେଲ ମାରିମାରି ପାଣି ଟୋପେ ବାହାରୁନାହିଁ। ସେହିପରି ସାହିର ଅନ୍ୟ ପାର୍ଶ୍ୱ ରହିଥିବା ଷ୍ଟାଣ୍ଟ ପୋଷ୍ଟ କାହିଁ କେଉଁ କାଳରୁ ଅଚଳ ରହିଛି। ଯାହାକି ଫଟୋର ଦୃଶ୍ୟମାନ ହେଉଛି। ଏପରିସ୍ଥଳେ ପଞ୍ଚାୟତ ବିକାଶ ମଞ୍ଚ ଅଣ୍ଟା ଭିଡିଛି। ମଞ୍ଚର ସଭାପତି ବିଭୂତି ରାଉତ, କାର୍ଯ୍ୟକାରୀ ସଭାପତି ଧୋବା ସ୍ୱାଇଁ ଓ ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ କେତେଜଣ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ନନ୍ଦଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହେଲେ ସେ ଏହାକୁ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିଥିବା ବେଳେ ପାନୀୟ ଜଳ ଭଳି ସମସ୍ୟାକୁ ଗୁରତ୍ୱ ନ ଦେଇ ଆଗାମୀ ୮ ଦିନ ମଧ୍ୟରେ ସରପଞ୍ଚ ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ କହିଛନ୍ତି। ଅନ୍ୟପକ୍ଷେ ଏ ନେଇ ଓଡ଼ଗାଁ ବ୍ଲକ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ସୁବାସ ସ୍ୱାଇଁଙ୍କୁ ପଚାରିବାରେ ବଜ୍ରପାତ କାରଣରୁ ପାଣି ପମ୍ପ ଅଚଳ ଥିବା ବେଳେ ନଳକୂପ ମରାମତି ନିମନ୍ତେ ଖୁବ୍‌ଶୀଘ୍ର ମୋବାଇଲ ଭ୍ୟାନ ପଠାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଶ୍ରୀରାମଙ୍କ ଅଷ୍ଟ ସେନାଧକ୍ଷଙ୍କ ସହ ବିଚାରବିମର୍ଶ

ଓଡ଼ଗାଁ, ୧୮।୪(ସ୍ୱ.ପ୍ର.)

## ଓଡ଼ଗାଁରେ ଶ୍ରୀରାମ ନବମୀ ଉତ୍ସବର ଅଷ୍ଟମ ସନ୍ଧ୍ୟା

ଶ୍ରୀରାମଚନ୍ଦ୍ର, ସାନୁଜ ଲକ୍ଷ୍ମଣ ଓ ମାତା ଜାନକୀ ଚିତ୍ରକୂଟ ଅବସାନ ଅନ୍ତେ ବନବାସ ଲାଗି ଅନ୍ୟତ୍ର ଗମନ କରିବା ଅବସରରେ ମାୟାବୀ ରାବଣ ସ୍ୱର୍ଣ୍ଣ ହରିଣର ଭ୍ରମ ସୃଷ୍ଟି କରି ସୀତାଙ୍କୁ ହରଣ କରିଛି। ଏହିକ୍ରମରେ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବର ସୋମବାର ଅଷ୍ଟମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦୁଇମିତ୍ରଙ୍କ ସମେତ ଅଷ୍ଟ ସେନାଧକ୍ଷଙ୍କ ସହ ସୀତାଙ୍କୁ ଉଦ୍ଧାର କରିବାକୁ ବିଚାର ବିମର୍ଷ କରୁଥିବା ଦୃଶ୍ୟରେ ଦର୍ଶନ ଦେଇଛନ୍ତି। ଶ୍ରୀରାମଚନ୍ଦ୍ର ବାନର ରାଜା ବଳିଙ୍କୁ ବଧ କରିବା ପରେ ସୁଗ୍ରୀବଙ୍କ ସହ ମିତ୍ରତା ସ୍ଥାପନ ଓ ବିଭୀଷଣଙ୍କ ଆଗମନ ପରେ ସୁବଳୟା ପର୍ବତରେ ଅଷ୍ଟ ସେନାଧକ୍ଷଙ୍କ ସହ ଯୁଦ୍ଧ ପ୍ରସ୍ତୁତି ପାଇଁ ଆଲୋଚନା କରୁଛନ୍ତି। ପ୍ରଭୁ ପରମ ମିତ୍ର ସୁଗ୍ରୀବଙ୍କ କୋଳରେ ବ୍ୟାଘ୍ର ଛାଲ ଉପରେ ବସିଥିବା ବେଳେ ପରମଭକ୍ତ ହନୁମାନ, ଯୁବରାଜ ଅଙ୍ଗଦ, ଜାମ୍ବବାନ, ନଳ, ନୀଳ, ସୁଶେଣ, ଗବାୟ ଓ ଗବାକ୍ଷ ଆଦି ସେନାଧକ୍ଷ ପ୍ରଭୁ ଶ୍ରୀରାମଙ୍କ ବେନି ପାର୍ଶ୍ୱରେ ରହିଛନ୍ତି। ଦୁଇମିତ୍ର ସୁଗ୍ରୀବ ଓ ବିଭୀଷଣଙ୍କ ସମେତ ଅଷ୍ଟ ସେନାଧକ୍ଷ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ ଲଙ୍କା ଆକ୍ରମଣ ପୂର୍ବକ ମାତା ଜାନକୀଙ୍କୁ ଉଦ୍ଧାର କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଭୁ ଯୁଦ୍ଧଯାତ୍ରାରେ ଦର୍ଶନ ଦେବାକୁ ରହିଥିବା ବେଳେ ବହୁ ପ୍ରତିକ୍ଷିତ ରାବଣ ପୋଡି ନିମନ୍ତେ କମିଟି ପକ୍ଷରୁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବିଳମ୍ବିତ ରାତିରେ ହେବାକୁ ଥିବା ରାବଣ ପୋଡି ଓ ଶୋଭାଯାତ୍ରା ସମାରୋହକୁ ପ୍ରଥମଥର ନିମନ୍ତେ ଦୃଶ୍ୟଶ୍ରାବ୍ୟ ଗଣ ମାଧ୍ୟମ ଜରିଆରେ ପ୍ରସାରଣ କରିବାକୁ ସ୍ଥିର ହୋଇଛି। ଏଥି ନିମନ୍ତେ ବ୍ୟାପକ ପୋଲିସ ବନ୍ଦୋବସ୍ତ ରହିଥିବା ବେଳେ ଶାନ୍ତି କମିଟି ସହ କଲେଜ ଓ ସ୍କୁଲ ଏନ୍‌ସିସି କ୍ୟାଡେଟ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମୁତୟନ ରହିବାକୁ ନିର୍ଦ୍ଦେଶ ରହିଛି।



ପ୍ରଭୁ ରଘୁନାଥ ଅଷ୍ଟ ସେନାଧକ୍ଷଙ୍କ ସହ ଆଲୋଚନା କରୁଥିବାର ଦୃଶ୍ୟ।

### ପୋଖରୀରେ ବୁଡ଼ି ଯୁବକ ମୃତ

ଧରାକୋଟ ୧୮।୪(ଡି.ଏନ୍.ଏ.): ଧରାକୋଟ ଥାନା ଅନ୍ତର୍ଗତ ଦଶମାଇଲି ଗ୍ରାମର ଭଜରାମ ଜେନା(୪୮)ଙ୍କ ପୋଖରୀରେ ରବିବାର ରାତିରେ ବୁଡ଼ି ମୃତ୍ୟୁ ଘଟିଛି। ଭଜରାମ ରାତି ୮ ଟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଅନ୍ଧାରରେ ଗୋଡ଼ ଖସି ଯାଇ ବୁଡି ଯାଇଥିଲେ। ଖବର ପାଇ ଧରାକୋଟ ଅଗ୍ନିସମ ବାହିନୀ ପହଞ୍ଚି ଭଜରାମଙ୍କୁ ଉଦ୍ଧାର କରି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ମୃତଦେହ ଜବତ କରି ନଂ. ୩/୨୨ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଗଞ୍ଜାମରେ ଅଭିଯୋଗ ଶୁଣାଣି

## ୧୭ କିନ୍ନର ପାଇଲେ ଘରବାରି ପଟ୍ଟା



ପଟ୍ଟା ବଣ୍ଟନ କରାଯାଉଛି।

ଛତ୍ରପୁର,୧୮।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ପୁଣି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ସୋମବାର ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ ସମ୍ମିଳନୀ କକ୍ଷରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଜନସାଧାରଣଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କରିଥିଲେ। ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ପରେ ୧୧ଟାରୁ ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି କରଯାଇଥିଲା। ସୂଚନାଯୋଗ୍ୟ କରୋନା ଲାଗି ପ୍ରଶାସନ ଅନଲାଇନରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଆସୁଥିଲେ। ମାତ୍ର ପ୍ରତ୍ୟକ୍ଷ ଭାବେ ଲୋକେ ଆସି ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇ ପାରୁ ନ ଥିଲେ। ଗତ ଦୁଇ ସପ୍ତାହ ହେଲା ଦିବ୍ୟାଙ୍ଗଙ୍କ ପାଇଁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିଲା। ଏବେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରାଯାଇଛି। ଏହି ଅବସରରେ ଖଲ୍ଲିକୋଟ ଅଞ୍ଚଳରେ ରହୁଥିବା ୧୭ ଜଣ କିନ୍ନରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଘରବାରି ପଟ୍ଟା ପ୍ରଦାନ କରାଯାଇଛି। ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଦଳିବାଟି ମଉଜାରେ ସେମାନଙ୍କୁ ଜାଗା ଦିଆଯାଇଛି। ଅଭିଯୋଗ ଶୁଣାଣି ବେଳେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ସମେତ ସମସ୍ତ ଅଫିସର ଉପସ୍ଥିତ ଥିଲେ।

### ପୁରୁଷୋତ୍ତମପୁର ଏନ୍‌ଏସି ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର,୧୮।୪(ଡି.ଏନ.ଏ.)

ଉତ୍କଳ ଯାଦବ ମହାସଭାର ସଭାପତି ଆଶୀର୍ବାଦ ବେହେରାଙ୍କ ପୌରୋହିତ୍ୟରେ କଟକଠାରେ ସଭା ହୋଇଥିଲା। ଏଥିରେ ଯାଦବ ସମ୍ପ୍ରଦାୟରୁ ପ୍ରିୟଙ୍କା ଗୌଡ଼ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ଲଢ଼ି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିର ଅଧକ୍ଷା ଭାବେ ବିଜୟୀ ହୋଇଛନ୍ତି। ତାଙ୍କ ସ୍ୱାମୀ ଅଶୋକ ମହାଙ୍କୁଡ ମଧ୍ୟ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିବା ସର୍ବଭାରତୀୟ ଯାଦବ ସମ୍ପ୍ରଦାୟ ଲାଗି ଗର୍ବ ଆଣି ଦେଇଥିବା ହେତୁ ତାଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଆହତ ହରିଣ ଶାବକ ଉଦ୍ଧାର



ପାରଳାଖେମୁଣ୍ଡି,୧୮।୪(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଅନ୍ତର୍ଗତ କତଲକଇଠା ଗ୍ରାମର ହନୁମାନ ମନ୍ଦିର ନିକଟରେ ଥିବା କୂପଠାରେ ଏକ ଆହତ ହରିଣ ଛୁଆକୁ ସୋମବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି। ହରିଣ କ୍ଷତ ବିକ୍ଷତ ହୋଇ କୂପ ନିକଟକୁ ଆସିଥିଲା। ଗ୍ରାମର କେତେଜଣ ଆହତ ହରିଣ ଶାବକକୁ ଦେଖି ଉଦ୍ଧାର କରିଥିଲେ। ଖବର ପାଇ ସ୍ଥାନୀୟ ବନ ଅଧିକାରୀ ପହଞ୍ଚି ହରିଣ ଶାବକର ଚିକିତ୍ସା କରାଇବା ପରେ ବଣରେ ଛାଡ଼ି ଦେଇଥିଲେ।

### ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା

କୁକୁଡ଼ାଖଣ୍ଡି,୧୮।୪

ସଦର ଥାନା ଅଧୀନ ବଳରାମପଲି ରଙ୍ଗୁଣି ପଲି ମଧ୍ୟରେ ସଂଯୋଗ କରୁଥିବା ଥିବା ଏକ କେନାଲରେ ସୋମବାର ଜଣେ ଯୁବକ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ନୂଆ ମକର ଝୋଳ ଗ୍ରାମର ଅଶୋକ କୁମାର ସାହୁ। ଅଶୋକ ପୁଟିଲିମା ଗ୍ରାମର ଜଣଙ୍କ ସ୍ତ୍ରୀଙ୍କୁ ୧୨ ବର୍ଷ ହେଲା ପ୍ରେମ କରୁଥିଲେ। ବର୍ତ୍ତମାନ ତାଙ୍କ ପ୍ରେମିକା ଅନ୍ୟ ଜଣେ ଯୁବକଙ୍କୁ ଭଲ ପାଉଥିବା ଅଶୋକ ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ଯୁବକ ଓ ତାଙ୍କ ପ୍ରେମିକା ଉଭୟ ମିଶି ମରିବାକୁ ବାଧ କରିଥିଲେ ବୋଲି ଅଶୋକ ନିଜ ହାତ ଲେଖା ଚିଠିରେ ଲେଖି ନିଜ ଫେସ୍‌ବୁକରେ ଅପଲୋଡ କରିଛନ୍ତି। ସେ ଚିଠିରେ ଉଲେଖ କରିଛନ୍ତି ଯେ, ମୁଁ ଆଜି ଆତ୍ମହତ୍ୟା କରିବାକୁ ଯାଉଛି। ପରେ ସେ ଆତ୍ମହତ୍ୟା କରିଥିଲେ। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଗଞ୍ଜାମ,୧୮।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ.ସି.ଏଚ ସୁଧାକର ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଉତ୍ସବରେ ସଭାପତିତ୍ୱ କରି ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାର ଦ୍ୱାରା ପ୍ରାୟୋଜିତ ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ.ଅନିତା ମିଶ୍ର ଶିବିର ପରିଚାଳନା କରିଥିଲେ। ଓଡ଼ିଆ ଅଧାପିକା ଜ୍ୟୋତ୍ସ୍ନା ପ୍ରଧାନ ନାରୀଶକ୍ତିର ଜାଗରଣ ପାଇଁ ତରୁଣୀମାନଙ୍କ ଶାରୀରିକ ବିକାଶ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧାପିକା ସନ୍ତୋଷି ନାହାକ ନାରୀ ସ୍ୱାଧୀନତାକୁ ସୁରକ୍ଷିତ ରଖିବାକୁ ହେଲେ ସମାଜର ମୂଳଦୁଆକୁ ସୁଦୃଢ଼ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଅଧାପକ ଗଜେନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିବା ବେଳେ ତାଲିମ ପ୍ରଦାନକାରୀ ମମତା ବେହେରା ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ପୋଖରୀ ସଫେଇ କଲେ ବିଧାୟକ

ଛତ୍ରପୁର,୧୮।୪(ଡି.ଏନ୍.ଏ.)

ଛତ୍ରପୁର ଏନ୍‌ଏସି ୧୧ ନମ୍ବର ୱାର୍ଡରେ ଥିବା ଲାଇନ ବନ୍ଧ (ପୋଖରୀ) ସଫେଇ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ପୋଖରୀ ସଫେଇ କରୁଥିବା ଦେଖାଯାଇଥିଲା। ଏଥିରେ ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ୧୧ ନମ୍ବର ୱାର୍ଡ କାଉନସିଲର ସନ୍ତୋଷୀ ସେଠୀ ଓ ୧୦ ନଂ ୱାର୍ଡର ଦେବାଶିଷ ମିଶ୍ର, ଛତ୍ରପୁର ଉପଜିଲାପାଳ ନୀଳମାଧ ଭୋଇ, ଏନଏସି ନିର୍ବାହୀ ଅଧିକାରୀ ଏନ. ଗଣେଷବାବୁ,ପ୍ରଦୋଷ କୁମାର ବେହେରା, କେ. ଚନ୍ଦ୍ରଶେଖର ରେଡ୍ଡୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ପ୍ରମୁଖ ସାମିଲ ହୋଇଥିଲେ ପ୍ରତି ସୋମବାର ଜିଲ୍ଲା ର ସମସ୍ତ ସହରାଞ୍ଚଳ ରେ ଜଳ ସଓଛତା ଦିବସ ଏବଂ ମୋ ପୋଖରୀ ମୋ ଦାୟିତ୍ୱ ଅନୁଷ୍ଠିତ ହେଉଛି। ଏହି ଅବସରରେ ପୋଖରୀ ସଫେଇ କରାଯାଉଛି।

### କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମକ୍ ଡ୍ରିଲ

ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.)

ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ଖଣ୍ଡପଡା ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନଙ୍କ ପକ୍ଷରୁ କଂଟିଲୋ ପ୍ରାଥମିକ ଓ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ୟାସ ନିର୍ଗତ ଅଗ୍ନିକୁ କିପରି ଲିଭେଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ ମାଧ୍ୟମରେ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଜନସାଧାରଣକୁ ଦେଖାଇଥିଲେ। ପରୀକ୍ଷା ମୂଳକ ଭାବେ ଉପସ୍ଥିତ ଗୃହିଣୀମାନେ ନିଜେ ନିଜେ ନିଆଁ ଲିଭାକୁ ଆୟତ କରିଥିଲେ। ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ଅଭିସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ଓ ଆଇଆଇସି ପ୍ରଫୁଲ୍ଲ କୁମାର ସାହୁ, ପୀତାମ୍ବର ବେହେରା, ଶିବ କୁମାର ସାହୁ, ଦୀପକ କୁମାର ବାରିକ ଓ ପୁପୁନା ସାହୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା,ଡା. ହରିହର ଦାଶ ପ୍ରମୁଖ ବହୁ ମହିଳା ଯୋଗ ଦେଇଥିଲା।





ଅଗ୍ନିଶମ ବିଭାଗର କର୍ମଚାରୀମାନେ ମହିଳାମାନଙ୍କୁ ମକ୍ ଡ୍ରିଲ ଦେଖାଉଛନ୍ତି।

# ବିଭିନ୍ନ ଦାବିରେ ଚନ୍ଦ୍ରଗିରି ବନବିଭାଗ କାର୍ଯ୍ୟାଳୟ ଘେରାଉ

ଆର.ଉଦୟଗିରି,୧୮।୪(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ବନ ବିଭାଗ କାର୍ଯ୍ୟାଳୟକୁ ସୋମବାର ମୋହନା ଏବଂ ଆର.ଉଦୟଗିରି ବ୍ଲକରେ ବାସ କରୁଥିବା ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଆଞ୍ଚଳିକ କମିଟି ପକ୍ଷରୁ ଘେରାଉ କରାଯିବା ସହ ସେମାନେ ଦାବି ଉପସ୍ଥାପନ କରିଥିଲେ। ଆଦିବାସୀଙ୍କ ଦାବି ହେଲା ମୋହନା ବ୍ଲକ ଅନ୍ତର୍ଗତ ଲଖାରୀ ଅଭୟାରଣ୍ୟ ମଧ୍ୟରେ ୩୩ ଗ୍ରାମ ଅବସ୍ଥିତ। ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ମୌଳିକ ସୁବିଧା ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟସେବା, ରହିବା ନିମନ୍ତେ ଜଙ୍ଗଲ, ଜମିପଟ୍ଟା ଯୋଗାଇ ଦିଆଯାଉ ନାହିଁ। ଲୋକେ ବହୁ ଅସୁବିଧାରେ ଚଳୁଛନ୍ତି। ବନ ବିଭାଗ ହାତୀ ଅଭୟାରଣ୍ୟ କହୁଥିବା ବେଳେ ଆଜି ସୁଦ୍ଧା ସେହି ଅଞ୍ଚଳରେ ଗୋଟିଏ ବି ହାତୀ ରହୁନାହାନ୍ତି। ତେଣୁ ଦୀର୍ଘ ବର୍ଷ ଧରି ବାସ କରୁଥିବା ଲୋକଙ୍କୁ ବାସଗୃହ ଜମି ପଟ୍ଟା ସହ ସମସ୍ତ ମୌଳିକ ସୁବିଧା ଯୋଗାଇଦେବାକୁ ଦାବି କରି ଶତାଧିକ ଲୋକ ଏକ ବିରାଟ ପଟୁଆରରେ ଆସି ବନ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହି ବିରାଟ ପଟୁଆରର ନେତୃତ୍ୱ ନେଇଥିଲେ ଆଞ୍ଚଳିକ କମିଟି ମୁଖ୍ୟ ଦଣ୍ଡପାଣି ଦଳବେହେରା, ଗୋକୁଳ ଦଳବେହେରା ଏବଂ ଏଥିରେ ରାଜ୍ୟସ୍ତରୀୟ ଉପଦେଷ୍ଟା ଜଗନ୍ନାଥ ମିଶ୍ର ମଧ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଚନ୍ଦ୍ରଗିରି ବନପାଳ ଅଭୟାରଣ୍ୟ ମଧ୍ୟରେ ବାସ କରୁଥିବା ଲୋକଙ୍କ ଦାବିକୁ ସରକାରଙ୍କ ଦୃଷ୍ଟିକୁ ଆଣି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିବା ବେଳେ ଏହି ସମାବେଶରେ ଇନ୍ସପେକ୍ଟର ପି. କେ. ନିସିକାଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଦୀପ ବେହେରା, ଏଏସ୍‌ଆଇ ନିରଞ୍ଜନ ପାଣିଗ୍ରାହୀ ଓ ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।





ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଆଞ୍ଚଳିକ କମିଟି ପକ୍ଷରୁ ବନବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଛି।